ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.152 Bhubaneswar Monday Auguest 01 2022 ୨୫ତମ ବର୍ଷ ସଂଖ୍ୟା–୧୫୨ ଭୁବନେଶ୍ୱର, ସୋମବାର, ଅଗଷ୍ଟ ୦୧, ୨୦୨୨ (୮ ପୃଷ୍ଠା) ₹ ମୂଲ୍ୟ–୧.୫୦ 1.50 (Air Surcharge - 0.50P) Member-INS

## ଡାକ୍ତରଖାନା ସମ୍ମୁଖରେ ନବଜାତକର ମୃତ୍ୟୁ, ବିଧାୟକଙ୍କ କ୍ଷୋଭ

ନୂଆପଡ଼ା,୩୧।୭(ପି.ଏନ): ସରକାର ପଛୁଆ ଅଂଚଳରେ ସ୍ୱାସ୍ଥ୍ୟସେବା କୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସ୍ୱାସ୍ଥ୍ୟ କର୍ମୀ ଙ୍କ ଅବହେଳା ତଥା ଅମାନବିକତା ପାଇଁ ଜଣେ ଗର୍ଭବତୀ ମହିଳା ନିଜ ଶିଶୁକୁ ନୂଆପଡା ସଦର ମହକୁମା ହସ୍ପିଟାଲ ବାରଣ୍ଡା ତଳେ ହରାଇଛନ୍ତି । ପ୍ରକାଶଯୋଗ୍ୟ ଯେ ଖରିଆର ବ୍ଲକ ଅନ୍ତର୍ଗତ ଜୁନେନ ଗ୍ରାମର ୨୨ ବର୍ଷୀୟ ରୂପକାନ୍ତି ମାଝୀ ସ୍ୱାମୀ ବୀରେନ୍ଦ୍ର ମାଝୀ ଯନ୍ତ୍ରଣା ଅନୁଭବ କରିବାରୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ରାତିରେ ଯାଇଥିଲେ କିନ୍ତୁ ଡାକ୍ତର ନାହାନ୍ତି କହି ଦିଦି ମାନେ ତାଙ୍କୁ ନୂଆପଡା କୁ ପ୍ରେରିତ କରିଥିଲେ. ପ୍ରକାଶଯୋଗ୍ୟ ଯେ ଏଠାକାର ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞଙ୍କ ଡାକ୍ତର ଦୀନବନ୍ଧୁ ମହାନନ୍ଦଙ୍କ ଦ୍ୱାରା ଜଣେ ମହିଳାଙ୍କ ଭୁଲ ଅସ୍ତ୍ରୋପଚାର ପରେ ମୃତ୍ୟୁ ପରେ ତାଙ୍କ ନାମରେ ହତ୍ୟା ମାମଲା ରୁଜୁ ପରେ ସେ ଅନୁପସ୍ଥିତ ବା ଫେରାର ଅଛନ୍ତି। ଦୀର୍ଘ ଦସ ବର୍ଷ ହେଲା ଯେଉଁଠି ୩୦୦ ରୁ ଅଧିକ ପ୍ରସବ ହେଉଥିଲା, ସେହି ଜାଗାରେ ଏକ ଅଚଳ ଅବସ୍ଥା ଜାରିଅଛି। ବର୍ତମାନ ଜଣେ ଠିକା ଜ୍ଞାନକୋଲୋଜିଷ୍ଟ ରେ ହସ୍ପିଟାଲ ଚାଲିଥିବାରୁ ବହୁ ରୋଗୀ କୁ ନୂଆପଡା ପ୍ରେରଣ କରାଯାଉଛି ବୋଲି ଜିଲ୍ଲା କଂଗେସ ଓ.ବି.ସି ସେଲ ସଭାପତି ହୀରାଧର ମେହେର ଅଭିଯୋଗ କରିଛନ୍ତିମହିଳା ଜଣକ ନୂଆପଡା ସଦର ହସ୍ପିଟଲ ସମ୍ମୁଖରେ ପହଁଚିବା ପରେ ତାଙ୍କୁ ବହୁ ଜନନୀ ଯନ୍ତ୍ରଣା ହେଲା ।ସେଠାକାର ସ୍ୱାସ୍ଥ୍ୟ ମିତ୍ର ଉପରୁ ପ୍ରସବ ବିଭାଗରେ ଦିଦି ମାନଙ୍କୁ ଯେତେ ଡାକିଲେ ବି ସେମାନେ କିଏ ଆସିଲେ ନାହିଁ ଯଦ୍ୱାରା କି ଛୁଆଁ ର ସାତ ମହଲା ବିଶିଷ୍ଟ ହସ୍ପିଟଲ କୋଠା ସାମ୍ନାରେ ମୃତ୍ୟୁ ହେଇଛି ।ବହୁ ସମୟ ପରେ ସେଠାକାର ଜଣେ ସାମ୍ବାଦିକଙ୍କ ହସ୍ତକ୍ଷେପ ପରେ ମହିଳାଙ୍କୁ ଉପରକୁ ନିଆଁ ଯିବାରୁ ମରଣ ମୁହଁରୁ ତାଙ୍କୁ ବଞ୍ଚା ଯାଇଛି. ଏଭଳି ସ୍ଥଳେ ଖଡ଼ିଆଳ ବିଧାୟକ ଶ୍ରୀ ଅଧୀରାଜ ପାଣିଗ୍ରାହୀ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଛୁଆ ର ମୃତ୍ୟୁ ପାଇଁ ସମ୍ପୂର୍ଣ ଭାବେ ଦାୟୀ କରିଛନ୍ତି । ବିଧାୟକଙ୍କ ନିର୍ଦେଶ କ୍ରମେ କିଛି କର୍ମୀ ମହିଳାଙ୍କ ଜୁନାନୀ ବାସଭାବନ ପହଂଚି ସମସ୍ତ ପ୍ରକାର ସୁବିଧା ଯୋଗେଇ ଦିଆଯିବ ଏବଂ ଦୋଷୀ ମାନଙ୍କ ବିରୁଦ୍ଧରେ କଡା ପଦକ୍ଷେପ ନେବା ପାଇଁ ବିଧାୟକଙ୍କ ତରଫରୁ ଆଶାଶ୍ୱନା ଦେଇଛନ୍ତି । ଆମ ପ୍ରତିନିଧି ଙ୍କ ସହିତ କଥା ହେଇ ଏଭଳି ବର୍ବରତା ଓ ଅକ୍ଷମନିଅ ଦୋଷ ପାଇଁ ଯଦି ଜଣେ ଛୁଆ ର ଜୀବନ ଚାଲିଯାଉଛି, ଦୋଷୀ ସ୍ୱାସ୍ଥ୍ୟ କର୍ମୀଙ୍କ ବିରୁଧରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ କହିଛନ୍ତି ବୋଲି ପ୍ରକାଶ କରିଛନ୍ତି। ଖଡ଼ିଆଳରେ ତୁରନ୍ତ ଜଣେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଓ anethesist ଙ୍କୁ ସ୍ଥାନିତ କରିବା ପାଇଁ ଶ୍ରୀ ପାଣିଗ୍ରାହୀ ଦାବି କରିଛନ୍ତି. ବିଧାୟକ ଙ୍କ ହସ୍ତକ୍ଷେପ ପରେ ସିଡିଏମଓ ଘଟଣା କୁ ଗୁରୁତ୍ୱ ଦେଇ ଘଟଣା ର ତଦନ୍ତ କରାଯାଇ ଦୋଷୀ ମାନଙ୍କ ବିରୁଦ୍ଧ ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## କନ୍ଧମାଳରେ ବଢୁଛି କୋଭିଡ୍ ସଂକ୍ରମଣ , ସ୍ୱାଧିନତା ଦିବସ ପାଳନ ରେ କଟକଣା ଜାରି

କନ୍ଧମାଳ ,୩୧।୭(ପି.ଏନ): କନ୍ଧମାଳ କୋଭିଡ୍ ସଂକ୍ରମଣ ଧିରେଧିରେ ବୃଦ୍ଧି ହେବାରେ ଲାଗିଛି। ଜିଲ୍ଲାରେ ଆଜି ପୁଣି ୧୫ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତକାଲି ୧୮ ଜଣ କୋରନା ପଜିଟିଭ ଚିହ୍ନଟ ହୋଇଥିଲେ। ବର୍ତମାନ ସୁଦ୍ଧା ପଜିଟିଭ ସଂଖ୍ୟା ପାଖା ପାଖି ୨ ଶହରୁ ଉର୍ଦ୍ଧ ରେ ପହଞ୍ଚିଲାଣି । ତେବେ ସୁସ୍ଥ ବି ହେଉଛନ୍ତି ରୋଗୀ ।ଜିଲ୍ଲା ପ୍ରଶାସନର କଟକଣା ନଥିବାରୁ ମାସ୍କ ପିନ୍ଧିବା, ସାମାଜିକ ଦୂରତା କଥା ସମସ୍ତେ ଭୁଲିଗଲେଣି ।କେହି ବି କୋରାନା କଟକଣା ମାନୁନାହାନ୍ତି । କାଁ ଭାଁ କିଏ କେମିତି ମାସ୍କ ପିନ୍ଧୁଥିବା ଦେଖାଯାଉଛି । କୋରନା ବୁଷ୍ଟ ର ଡୋଜ ବି କମ ଆସୁଥିବାରୁ ଲୋକଙ୍କୁ ମିଳୁନି। ଏପଟେ ସଂକ୍ରମିତ ଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏବେ ଶ୍ରାବଣ ମାସ, ବୋଲ ବମ ଭକ୍ତଙ୍କ ଭିଡ କ୍ଷପୁଣି ବର୍ଷା ଦିନ । ଏଣୁ ଆଗକୁ ମଧକୋରାନା ସଂକ୍ରମିତ ଙ୍କ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି ।ଏଣୁ ପ୍ରଶାସନ ସଜାଗ ହୋଇ ଗ୍ରାମ ରୁ ସହର ଯାଏ କୋରାନା ସଚେତନ ତା ସୃଷ୍ଟି କରିବାକୁ ଦାବୀ ହେଉଛି । ଆସନ୍ତା ସ୍ୱାଧୀନତା ଦିବସ ଉପରେ ସରକାର କଟକଣା ଲଗାଇଛନ୍ତି। ଏ ନେଇ ଚିଠି ନମ୍ବର ୨୬୦୮୮/୨୯/୦୭ରେ ଗୃହବିଭାଗ ସମସ୍ତ ଜିଲାପାଳ ଙ୍କୁ ଚିଠିଲେଖିଛି । ଏଣୁ ଜୀଲାସ୍ତରୀୟ ପ୍ୟାରେଡ଼ ରେ କୌଣସି ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିବେନି ।କେବଳ ଗତଥର ପରି ପୋଲିସ ଓହୋମଗାର୍ଡ ଦୁଇଟି କଣ୍ଟୀଜେଣ୍ଟ ପରେଡ କରିବେ । ପଚାଶ ଜଣଙ୍କୁ ପ୍ୟାରେଡ଼ ରେ ଦେଖିବାଲାଗି ଅନୁମତି ମିଳିବ ବୋଲି ସରକାରୀ ସୂତ୍ରରୁ ଜଣାପଡିଛି।

### ପ୍ରଧାନମନ୍ତ୍ରୀ ମୋଦୀ ଓ ମାଲଦୀବର ରାଷ୍ଟ୍ରପତି ସୋଲିହଙ୍କ ମ୍ଧରେ ସାକ୍ଷାତ

ନୂଆଦିଲ୍ଲୀ, ୩୧।୭(ପି.ଏନ): ପ୍ରଧାନମନ୍ତ୍ରୀ ମୋଦୀ ଓ ମାଲଦୀବର ରାଷ୍ଟ୍ରପତି ସୋଲିହ ମଙ୍ଗଳବାର ଦିନ ନୂଆଦିଲ୍ଲୀରେ ହାଇଦ୍ରାବାଦ ହାଉସରେ ସାକ୍ଷାତ ଆଲୋଚନା କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଉଭୟ ନେତାଙ୍କ ମ୍ଧରେ ସାକ୍ଷାତ ହେବାର 'ଟୋ ଶେୟାର କରି ଟ୍ୱିଟ କରିଛନ୍ତି । ସେ ଲେଖିଛନ୍ତି ଯେ ଗଭୀର ସମ୍ପର୍କ ଓ ବ୍ୟାପକ ସମ୍ଭାବନା ପାଇଁ। ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରପତି ସୋଲିହଙ୍କୁ ସ୍ୱାଗତ କରିଛନ୍ତି । ଭାରତର ନେବରହୁଡ ଫାଷ୍ଟ ପଲିସିରେ ମାଲଦୀବ ଏକ ମୁଖ୍ୟ ଭାଗିଦାର ଅଟେ ।

## ସିବିଏସ୍ଇ ନିୟମକୁ ଭଦ୍ରକ ଓ ଅନ୍ୟ ଜିଲା ଘରୋଇ ଶିକ୍ଷାନୁଷ୍ଠାନର ଖୋଲାଖୋଲି ଉଲ୍ଲଂଘନ କାହା ସ୍ୱାର୍ଥରେ !

ଭଦ୍ରକ, ୩୧।୭(ପି.ଏନ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ (ସିବିଏସ୍ଇ) ନିୟମକୁ ଭଦ୍ରକ ତଥା ଅନ୍ୟ ଜିଲାରେ ଘରୋଇ ଇଂରାଜୀ ଓ ଓଡିଆ ମିଡିୟମ୍ ସ୍କୁଲମାନେ ଖୋଲମ ଖୋଲା ଉଲ୍ଲଂଘନ କରୁଥିବାର ଦେଖାଯାଇଛି। ଏଠାରେ ସୂଚନାଯୋଗ୍ୟ ବିଭିନ୍ନ ଜିଲାମାନଙ୍କରେ ଛତୁ ଫୁଟିଲା ଭଳି ସିବିଏସ୍ଇ (ଇଂଲିଶ୍ ମିଡିୟମ୍ ସ୍କୁଲ) ଗଢିଉଠୁଛି । ସେଥିମଧ୍ୟରୁ କେତେକ ସିବିଏସ୍ଇ ସ୍ୱୀକୃତିପ୍ରାପ୍ତ ହୋଇଥିବାବେଳେ ଅନ୍ୟ କେତେକ ସେଥିବରୁ ବାଦ୍ ପଡିଛନ୍ତି। ଏହି ବିଦ୍ୟାଳୟ ଗୁଡିକୁ କିଛି ଅସାଧୁ ବ୍ୟକ୍ତିବିଶେଷ ବ୍ୟବସାୟର ମାଧ୍ୟମ କରିଛନ୍ତି। ଶିକ୍ଷା ନାମରେ ଅଭିଭାବକମାନଙ୍କ ଠାରୁ ବିଭିନ୍ନ ଉପାୟରେ ଅର୍ଥ ଶୋଷଣ କରିଚାଲିଛନ୍ତି। ନା ଅଛି ଶିକ୍ଷଣ ପ୍ରାପ୍ତ ଶିକ୍ଷକ, ଭିଁ ଭୂମି ନା ଶିକ୍ଷା ଉପକରଣ। କିଛି ନଥାଇ ମଧ୍ୟ ବିଭିନ୍ନ ଭଡାଘର ଓ ବିଦ୍ୟାଳୟ ପାଇଁ ଅନୁପଯୁକ୍ତ କୋଠାଘରେ ଏହି ବିଦ୍ୟାଳୟମାନ ଚାଲୁଅଛି। କୌଣସି ଭିଁ ଭୂମି ନଥାଇ ବିଦ୍ୟାଳୟ ଗୁଡିକ ଦୀର୍ଘବର୍ଷ ଧରି ଏହିଭଳି ଅବ୍ୟବସ୍ଥା ମଧ୍ୟରେ ଚାଲିଆସୁଥିବାବେଳେ ଏଥିପ୍ରତି ସିବିଏସ୍ଇର କୌଣସି କର୍ତୃପକ୍ଷ ନା ଜିଲା ଶିକ୍ଷାଧିକାରୀ ଏ ଦିଗରେ ଜାଣି ମଧ୍ୟ ଅଜଣା ଭଳି ଚୁପ୍ ରହିଛନ୍ତି। ନିଜ ଇଚ୍ଛା ଅନୁସାରେ ପିଲାଙ୍କ ଠାରୁ ଆଡମିଶନ ଠାରୁ ଆରମ୍ଭ କରି ରିଆଡମିଶନ, ମାସିକ ଦରମା, କ୍ୟାଁନ ବାବଦକୁ ହଜାର ହଜାର ଟଙ୍କା ଠକିନେଉଥିବାବେଳେ ପିଲାମାନଙ୍କର ପଢାର ସେଭଳି କୌଣସି ସୁଫଳ ଦେଖିବାକୁ ମିଳୁନାହିଁ। ଯାହାଦ୍ୱାରା ବହୁ ଅଭିଭାବକଙ୍କ ମହଲରେ ଘୋର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସରକାରୀ ସ୍କୁଲମାନଙ୍କର ଅବ୍ୟବସ୍ଥା ଯୋଗୁଁ ସାଧାରଣ ଲୋକଟିଏ ତା ପିଲାର ଭବିଷ୍ୟତ ପାଇଁ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ନିଜ ପେଟକୁ କାଟି ଖର୍ଚ୍ଚ କରିଥାଏ। କିନ୍ତୁ ଆଜିର ଏହି ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ ଯେଭଳି ବ୍ୟବସାୟିକ ମୁନାଫାଖୋର ମନମୁଖୀ କାର୍ଯ୍ୟ ଯୋଗୁଁ ପିଲାମାନଙ୍କର ଭବିଷ୍ୟତ ଅନ୍ଧାର ଆଡକୁ ଠେଲି ହୋଇଯାଉଛି। ଏଠାରେ ସୂଚନାଯୋଗ୍ୟ କେନ୍ଦ୍ରୀୟ ଶିକ୍ଷାବୋର୍ଡର ନିୟମାବଳୀ ଅନୁଯାୟୀ ଉପରୋକ୍ତ ବିଦ୍ୟାଳୟ ଗୁଡିକରେ କୌଣସି ପାଠ୍ୟ ପୁସ୍ତକ, ଖାତା, ପୋଷାକ, ଜୋତା, ବ୍ୟାଗ୍ ଓ ଅନ୍ୟାନ୍ୟ ଉପକରଣ ବିକ୍ରି କରିପାରିବେ ନାହିଁ। ମାତ୍ର ଦେଖାଯାଉଛି ଏହି ବିଦ୍ୟାଳୟ ଗୁଡିକ ବ୍ୟବସାୟୀକରଣ ନୀତି ଅବଲମ୍ବନ କରି ଏଗୁଡିକୁ ଉଚିତ୍ ମୂଲ୍ୟ ଠାରୁ ଅଧିକ ଦରରେ ଅଭିଭାବକମାନଙ୍କୁ ବିକ୍ରୟ କରିଆସୁଛନ୍ତି। ଏହା ଜାଣି ମଧ୍ୟ ନିଜ ପିଲାମାନଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ଅଭିଭାବକମାନେ ଚୁପ୍ ରହିବାକୁ ବାଧ୍ୟ ହେଉଛନ୍ତି। ଏ ସଂପର୍କରେ ଜଣେ ଅଭିଭାବକ ନିଜର ନାମ ଗୋପନ ରଖି ଏ ପ୍ରତିନିଧିଙ୍କୁ କହିଛନ୍ତି ଯେ ବଜାର ଗୁଡିକରେ ଯେଉଁ ବହି ଖାତା ଓ ଉପକରଣ ଗୁଡିକର ମୂଲ୍ୟ ୫୦ ପ୍ରତିଶତରେ ମିଳୁଛି, ତାହାକୁ ଏମାନେ ୧୦୦ ପ୍ରତିଶତରେ ବିକ୍ରୟ କରୁଛନ୍ତି। ଏ ସଂପର୍କରେ ଭୁବନେଶ୍ୱରସ୍ଥିତ ସିବିଏସ୍ଇ ଆଂଚଳିକ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରେ ସେ ଏହା ସଂପୂର୍ଣ୍ଣ ବେଆଇନ୍ ବୋଲି କହି ଏ ଦିଗରେ ଉଚିତ୍ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେଇଛନ୍ତି। ଏ ସଂପର୍କରେ ଉପରୋକ୍ତ ବିଦ୍ୟାଳୟ ଗୁଡିକ ମଧ୍ୟରୁ କେତେକ ଅନୁଷ୍ଠାନର କର୍ତୃପକ୍ଷଙ୍କୁ ପଚରାଯିବାରେ ସେମାନେ ଏହା ବେଆଇନ୍ ବୋଲି ସ୍ୱୀକାର କରି ବହି, ଖାତା ଓ ଉପକରଣ ଗୁଡିକୁ ସେମାନେ ଅଭିଭାବକମାନଙ୍କ ଚାପରେ ଯୋଗାଉଥିବାର କହିଛନ୍ତି। ଏବଂ ବିଶେଷକରି ବହିଗୁଡିକ ଠିକ୍ ସମୟରେ ବଜାରରେ ଉପଲବ୍ଧ ହେଉନଥିବାରୁ ସେମାନେ ବହୁ ପୂର୍ବରୁ ଅର୍ଡର କରି ସେଗୁଡିକୁ ଗଚ୍ଛିତ ରଖି ପିଲାମାନଙ୍କୁ ଯୋଗାଉଥିବାର କହିଛନ୍ତି। ତେବେ ଓଡ଼ିଶା ଘରୋଇ ବିଦ୍ୟାଳୟ ଅଭିଭାବକ ସଂଘର ସଭାପତି ବାସୁଦେବ ଭଟ୍ଟ ତାଙ୍କ ପ୍ରତିକ୍ରିୟାରେ ଏଭଳି କାର୍ଯ୍ୟକୁ ସଂପୂର୍ଣ୍ଣ ଭାବେ ବିରୋଧ କରି ଏହା ବେଆଇନ୍ ହୋଇଥିବାରୁ ରାଜ୍ୟ ସରକାର ଓ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ପ୍ରସ୍ତୁତି ବୈଠକ :କୋଭିଡ କଟକଣା ଭିତରେ ପାଳିତ ହେବ ସ୍ୱାଧୀନତା ଦିବସ

ବଲାଙ୍ଗିର ,୩୧।୭(ପି.ଏନ) : ବଲାଙ୍ଗିର ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କୋଭିଡ-୧୯ କଟକଣା ଅନୁସାରେ ଚଳିତ ବର୍ଷ ମନୋହରପୁର ରିଜର୍ଭ ପୋଲିସ ପଡିଆରେ ସୀମିତ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ । ସ୍ୱାଧୀନତା ଦିବସ ତା୧୫/୮/୨୦୨୨ରିଖ ପ୍ରାତଃ ସମୟରେ ସହରରେ ରମାଧୂନ ପ୍ରଚାର କରାଯିବ । ସକାଳ ୭ଟା୩୦ ମିନିଟ ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ କରାଯିବ ।

## ପରୀକ୍ଷା ମୂଳକ ଭବେ ଆରମ୍ଭ ହେଲା ବିମାନ ଉଡ଼ାଣ

ଜୟପୁର, ୩୧।୮(ପି.ଏନ): ଜୟପୁରରୁ ନିୟମିତ ବିମାନ ସେବା ଆରମ୍ଭ ନେଇ ଆଜି ୯ସିଟ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଜୟପୁର ମଧ୍ୟରେ ଉଡାଣ କରିଛି। ଆଜି ଏୟାର ପୋର୍ଟରେ ଜୟପୁର ଉପ ଜିଲ୍ଲାପାଳ ବେଦ ବର ପ୍ରଧାନ ଓ ଏସଡିପିଓ ଅରୂପ ଅଭିଷେକ ବେହେରା ଉପସ୍ଥିତ ଥିଲେ ।ଆଜି ପରୀକ୍ଷା ମୂଳକ ଭାବେ ଭୁବନେଶ୍ୱରରୁ ଜୟପୁରକୁ ୯ ସିଟ ବିଶିଷ୍ଟ ବିମାନ ଉଡାଣ ଭରିଥିଲେ ବି ଜୟପୁର ବିମାନ ବନ୍ଦରରେ ଅନେକ ତ୍ରୁଟି ଥିବା କଥା କହିଛି। ତେଣୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ପାଇଁ ଅନୁମତି ଦେଉନି ଏକଥା ସ୍ପଷ୍ଟ କରିଛନ୍ତି ଜୟପୁର ଏୟାରପୋର୍ଟ ମ୍ୟାନେଜର ଓ ଜୟପୁର ଉପ ଜିଲ୍ଲାପାଳ। ଆଜି ଘରୋଇ ଇଣ୍ଡିଆ ୱାନ୍ ଏୟାରର ୪ଜଣ ଅଧିକାରୀ ପରୀକ୍ଷା ମୂଳକ ଭାବେ ୯ସିଟ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଦିନ ୧୦ ଟାରେ ଉଡାଣ ଭରି ଜୟପୁରରେ ଦିନ ୧୧.୩୫ ମିନିଟରେ ପହଂଚିଥିଲା। ସେହିପରି ଦିନ ୧୨.୩୦ରେ ପୁଣିଥରେ ଜୟପୁର ବିମାନ ବନ୍ଦରରୁ ଉଡାଣ କରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ ।ଆଜିର ପରୀକ୍ଷା ମୂଳକ ଭାବେ ଆରମ୍ଭ ହୋଇଥିବା ବିମାନ ଉଡାଣ ଯାତ୍ରୀଙ୍କ ପାଇଁ ନଥିଲା। ଏପରିକି ଏୟାରପୋର୍ଟ ଭିତରକୁ ଯିବା ପାଇଁ ଗଣମାଧ୍ୟମକୁ ଅନୁମତି ନଥିଲା। ତଥାପି କିଛି ଯାତ୍ରୀ ଟିକଟ ଆଶାରେ ଏୟାରପୋର୍ଟକୁ ଆସିଥିଲେ। ହେଲେ ଯାତ୍ରୀ ସେବା ଆରମ୍ଭ ହୋଇନଥିବା ଜାଣି ମନ ଦୁଃଖରେ ଘରକୁ ଫେରିଥିଲେ ।ଉଡାନ ଯୋଜନାରେ ଜୟପୁର ଏୟାରଷ୍ଟ୍ରିପକୁ କେନ୍ଦ୍ର ସରକାର ସାମିଲ କରି ଏହାକୁ ନିୟମିତ ଏୟାରପୋର୍ଟରେ ରୁପାନ୍ତରିତ କରିଛନ୍ତି। ପ୍ରଥମେ ୯ସିଟ ବିଶିଷ୍ଟ ଉଡାଜାହାଜ ଯାତ୍ରୀ ସେବା ଆରମ୍ଭ ହେବାକୁ ଥିବା ବେଳେ ପରବର୍ତୀ ସମୟରେ ଏଠାରୁ ୭୨ ସିଟ ବିଶିଷ୍ଟ ବିମାନ ସେବା ଆରମ୍ଭ ହେବାର ଯୋଜନା ରହିଛି। ଆଉ ଏହାଦ୍ୱାରା ପୁରା ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ପଡୋଶୀ ଛତିଶଗଡ଼ ଓ ଆନ୍ଧ୍ରର ଲୋକ ବି ଉପକୃତ ହୋଇ ପାରିବେ।୪ବର୍ଷ ତଳୁ ଜୟପୁର ଏୟାର ଷ୍ଟ୍ରିପକୁ ଉଡାଣ ଯୋଜନାରେ ସାମିଲ କରି ଏୟାରପୋର୍ଟରେ ରୁପାନ୍ତରିତ କାମ ଚାଲିଛି। କେବେ ଏଠାରୁ ବିମାନ ଉଡ଼ିବ ତାହକୁ ଅପେକ୍ଷା କରିଛନ୍ତି ଅବିଭକ୍ତ କୋରାପୁଟ ଜିଲ୍ଲାବାସୀ।

## ପଦୋନ୍ନତୀର ୭ ମାସ ପରେବି ଶିକ୍ଷକଙ୍କୁ ଆର୍ଥିକ ସୁବିଧା ମିଳିନଥିବା ଅଭିଯୋଗ

ମାଲକାନଗିରି, ୩୧।୭(ପି.ଏନ)- ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟ ଓ କାର୍ଯ୍ୟାଳୟରେ ଚରମ ଅବ୍ୟବସ୍ଥା ଲାଗି ରହିଥିବା ଅଭିଯୋଗ ହେଉଛି । ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ବିଭିନ୍ନ କାର୍ଯ୍ୟ ନ କରାଯାଇ ମାସ -ମାସ ତ କେତେବେଳେ ବର୍ଷ ବର୍ଷ ଜାଣିଶୁଣି ପକାଇ ରଖାଯାଉଛି। ବିଭାଗୀୟ କିରାଣୀ କହୁଛନ୍ତି କି ଆମର ଉଧାରିଆ ବିଇଓ ସେଥିପାଇଁ ଠିକ ସମୟରେ କାମ ହୋଇପାରୁ ନାହିଁ। ଗତ ୨୦୨୨ ଜାନୁୟାରୀ ମାସରୁ ବହୁ ଶିକ୍ଷକ- ଶିକ୍ଷୟତ୍ରୀଙ୍କୁ ପଦୋନ୍ନତୀ ମିଳିଛି। ହେଲେ ଏବେ ପର୍ଯ୍ୟନ୍ତ ସେମାନଙ୍କର ଆର୍ଥୀକ ପୋସ୍ତାହନ ରାଶି ପ୍ରଦାନ କରାଯାଉ ନାହିଁ। ଇତି ମଧ୍ୟରେ ଜିଲ୍ଲାର କାଲିମେଳା,ପଡିଆ ଏବଂ ଅନ୍ୟ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ମାନେ ଶିକ୍ଷକ ମାନଙ୍କୁ ଆର୍ଥୀକ ପୋସ୍ତାହନ ପ୍ରଦାନ କରିସାରିଛନ୍ତି। ଖଇରପୁଟ ଗୋଷ୍ଠୀଶିକ୍ଷାଧିକାରୀ ଶଶିଭୁଷଣ ମିଶ୍ର ମାଥିଲି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ରହିଛନ୍ତି। ଉଭୟ ବ୍ଲକରେ ସମ ଦଶା। ପୋସ୍ତାହନ ରାଶି ଅପେକ୍ଷାରେ ଥିବା ବହୁ ଶିକ୍ଷକ , ଶିକ୍ଷୟତ୍ରୀ ଏବିଷୟରେ ନିଜର ଅସନ୍ତୋଷ ପ୍ରକାଶ କରୁଥିଲେ ହେଁ ଡରିମରି ରହୁଛନ୍ତି । ପୂର୍ବରୁ ଏହି ଅଧିକାରୀଙ୍କ ନାମରେ ସଂଗୀନ ଅଭିଯୋଗ ରହିଛି। କୋୟା ପରୀକ୍ଷାରେ ପାସ୍ ପାଇଁ ବ୍ୟାପକ ଅନୈତିକ ଅର୍ଥ ଆଦାୟ ,କୋରନାରେ ସମୟରେ ଅନୁପସ୍ଥିତ ଶିକ୍ଷକଙ୍କଠାରୁ ଦରମା କରିବାକୁ ବଟି ଆଦାୟ,ୟୁନିଫର୍ମ କିଣାରେ ଅନିମିୟତା, ଆକ୍ୱାଗାର୍ଡ କିଣାରେ ଅନୈତିକ କାରବାର ,ଶିକ୍ଷକ ବଦଳି,ଡେପୁଟେସନ କିଛି ଶକ୍ଷକ ସଙ୍ଘ ର ସଦସ୍ୟଙ୍କୁ ହାତ ବାରିସି କରି ଏହାକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରିଥିଲେ ହେଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଭାଗୀୟ ପ୍ରୋସିଡିଙ୍ଗ୍ ହୋଇଥିଲା କିନ୍ତୁ କାର୍ଯ୍ୟନୁଷ୍ଠାନ ନ ହେବାରୁ ଅନ୍ୟ କେହି ଅଭିଯୋଗ କରିବାକୁ ଭୟ କରୁଛନ୍ତି। ଉଭୟ ବ୍ଲକର ଦାୟିତ୍ୱ ଆଳ ଦେଖାଇ ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କ କୌଣସି ସମସ୍ୟା ସମାଧାନ କରୁନାହାଁନ୍ତି। ଅଭିଯୋଗ ଶୁଣାଣି ଦିନ ଧାର୍ଯ୍ୟ ନ କରିଥିବାରୁ ୫୦ କମି ଦୂରରୁ ଆସି ଶିକ୍ଷକ ଫେରି ଯାଉଛନ୍ତି। କିଏ ଯଦି ଖଇରପୁଟ ଯାଉଛନ୍ତି ତୁମେ ମାଥିଲି ବ୍ଲକ ର ଶିକ୍ଷକ ମାଥିଲିରେ ଶୁଣିବି କହି ଫେରାଇ ଦେଉଥିବା ଅଭିଯୋଗ ହୋଉଛି । ଏହି ପରି ଘଟଣା ବହୁଥର ଘଟିବା ଫଳରେ କିଛି ଶିକ୍ଷକ ପତିବାଦ ସ୍ୱରୂପ ଉଚବାଚ ହେବା ଯୋଗୁ କାର୍ଯ୍ୟାଳୟରେ ଅପ୍ରିତିକର ପରିସ୍ଥିତି ଘଟି ଘଟଣା ଥାନା ଯାଏ ଯାଇଛି। ତଥାପି ଜିଲ୍ଲା ଶିକ୍ଷାଧିକାରୀ ପୁରା ଘଟଣା ଜାଣି ପୁରା ନିଦା ବିଷ୍ଣୁ ସାଜିଛନ୍ତି। ମୁଖ୍ୟ କିରାଣୀ ଉମେଶ ଦାଶ କୌଣସି କାରଣ ନଥାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ସପ୍ତାହକୁ ୨ ଦିନ ଯାଉଛନ୍ତି ।

## ସେପ୍ଟେମ୍ବର/ଅକ୍ଟୋବର ସୁଦ୍ଧା ଦେଶରେ ଉପଲବ୍ଧ ହେବ ୫ ଜି ସେବା

ନୂଆଦିଲ୍ଲୀ ,୩୧।୭(ପି.ଏନ) ଦେଶରେ ଦୂରସଞ୍ଚାର କ୍ଷେତ୍ରରେ ସଂସ୍କାର ଆଣିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସକୁ ଦୂରସଞ୍ଚାର ଉଦ୍ୟୋଗ ଜଗତର ବିପୁଳ ସମର୍ଥନ ମିଳିଛି । ନିକଟରେ ୫ ଜି ସ୍ପେକ୍ଟ୍ରମ ନିଲାମୀରୁ ଏହା ସ୍ପଷ୍ଟ ହୋଇଛି । ଭାରତ ସରକାର ୭୨,୦୯୮ ମେଗାହର୍ଜ ସ୍ପେକ୍ଟ୍ରମ ନିଲାମୀ ପାଇଁ ଜାରି କରିଥିଲେ, ଏଥିମଧ୍ୟରୁ ୫୧,୨୩୬ ମେଗାହର୍ଜ (ମୋଟ୍ ସ୍ପେକ୍ଟ୍ରମର ୭୧%) ସ୍ପେକ୍ଟ୍ରମ ୧,୫୦,୧୭୩ କୋଟି ଟଙ୍କାରେ ବିକ୍ରି ହୋଇଛି । ମେସର୍ସ ଆଦାନୀ ଡାଟା ନେଟଓ୍ୱର୍କସ୍ ଲିମିଟେଡ ୨୬ ଗିଗାହର୍ଜ ଏମଏମ ୱେଭ ବ୍ୟାଣ୍ଡରେ ୪୦୦ ମେଗାହର୍ଜ ସ୍ପେକ୍ଟ୍ରମ ହାସଲ କରିଛି । ମେସର୍ସ ଭାରତୀ ଏୟାରଟେଲ ଲିମିଟେଡ ୯୦୦, ୧୮୦୦, ୨୧୦୦, ୩୩୦୦ ମେଗାହର୍ଜ ଏବଂ ୨୬ ଗିଗାହର୍ଜ ବ୍ୟାଣ୍ଡରେ ୧୯,୮୬୭.୮ ମେଗାହର୍ଜ ସ୍ପେକ୍ଟ୍ରମ ହାସଲ କରିଛି । ମେସର୍ସ ରିଲାଏନ୍ସ ଜିଓ ଇନଫୋକମ୍ ଲିଃ ୭୦୦, ୮୦୦, ୧୮୦୦, ୩୩୦୦ ମେଗାହର୍ଜ ଏବଂ ୨୬ ଗିଗାହର୍ଜ ବ୍ୟାଣ୍ଡରେ ମୋଟ୍ ୨୪,୭୪୦ ମେଗାହର୍ଜ ସ୍ପେକ୍ଟ୍ରମ ପାଇଛି । ମେସର୍ସ ଭୋଡାଫୋନ ଆଇଡିଆ ଲିଃ ୧୮୦୦, ୨୧୦୦, ୨୫୦୦, ୩୩୦୦ ମେଗାହର୍ଜ ଏବଂ ୨୬ ଗିଗାହର୍ଜରେ ମୋଟ୍ ୬,୨୨୮ ମେଗାହର୍ଜ ସ୍ପେକ୍ଟ୍ରମ କ୍ରୟ କରିଥିବା ସୂଚନା ମିଳିଛି ।ମୋଟ୍ ବିଡ୍ ବା ନିଲାମୀରୁ ୧,୫୦,୧୭୩ କୋଟି ଟଙ୍କା ପ୍ରାପ୍ତ ହୋଇଥିବା ବେଳେ ଏଥିରେ ଆଦାନୀ ଡାଟା ନେଟଓ୍ୱର୍କର ୨୧୨ କୋଟି ଟଙ୍କା, ଭାରତୀ ଏୟାରଟେଲ ଲିଃର ୪୩,୦୪୮ କୋଟି ଟଙ୍କା, ରିଲାଏନ୍ସ ଜିଓ ଇନଫୋକମର ୮୮,୦୭୮ କୋଟି ଟଙ୍କା ଏବଂ ଭୋଡାଫୋନ ଆଇଡିଆ ଲିମିଟେଡ ୧୮,୭୯୯ କୋଟି ଟଙ୍କା ସାମିଲ ରହିଛି । ବାର୍ଷିକ କିସ୍ତି ହିସାବରେ ସୁଧ ଦର ୭.୨% ରଖାଯାଇଥିବା ବେଳେ ନିଲାମୀରେ ଅଂଶଗ୍ରହଣ କରିଥିବା କେତେକ ଅଂଶଗ୍ରହଣକାରୀ ଅଧିକ ଅପଫ୍ରଣ୍ଟ ପେମେଣ୍ଟ (ପ୍ରକଳ୍ପ ଆରମ୍ଭ ପୂର୍ବରୁ ସେବା ପାଇବା ପାଇଁ ଆଂଶିକ ବା ସମ୍ପୂର୍ଣ୍ଣ ଅର୍ଥ ପରିଶୋଧ) କରିପାରିବେ । ପ୍ରଥମ ଥର ପାଇଁ ୬୦୦ ମେଗାହର୍ଜ ବ୍ୟାଣ୍ଡ ନିଲାମୀ ପାଇଁ ରଖାଯାଇଥିଲା । କିନ୍ତୁ ଏହି ବ୍ୟାଣ୍ଡ ପାଇଁ କୌଣସି ବିଡ୍ (ନିଲାମ ଡାକ) ପ୍ରାପ୍ତ ହୋଇନଥିଲା । ବର୍ତ୍ତମାନ ସୁଦ୍ଧା ମୋବାଇଲ ଟେଲିଫୋନୀ ପାଇଁ ୬୦୦ ମେଗାହର୍ଜ ବ୍ୟାଣ୍ଡର ଡିଭାଇସ ଇକୋସିଷ୍ଟମ ବିକଶିତ ହୋଇନାହିଁ । ଆସନ୍ତା କିଛି ବର୍ଷ ମଧ୍ୟରେ, ଏହି ବ୍ୟାଣ୍ଡ ହୁଏତ' ଗୁରୁତ୍ୱପୂର୍ଣ୍ଣ ହୋଇପାରେ ।୭୦୦ ମେଗାହର୍ଜରେ ୫ ଜି ଇକୋସିଷ୍ଟମ୍ ଖୁବ୍ ଭଲ ଭାବେ ବିକଶିତ ହୋଇଛି । ଏହାର ଏକ ବଡ଼ ସେଲ ଆକାର ରହିଛି ଏବଂ ଏଥିପାଇଁ କମ୍ ଭିତ୍ତିଭୂମି ଆବଶ୍ୟକ ହୋଇଥାଏ । ଏହି ବ୍ୟାଣ୍ଡ ଅଧିକ ରେଞ୍ଜ ଏବଂ ଭଲ କଭରେଜ୍ ପ୍ରଦାନ କରିଥାଏ । ମେସର୍ସ ରିଲାଏନ୍ସ ଜିଓ ସର୍ବଭାରତୀୟ ସ୍ତରରେ ୧୦ ମେଗାହର୍ଜ ସ୍ପେକ୍ଟ୍ରମ ହାସଲ କରିଛି ।ସେବାର କ୍ଷମତା ବଢ଼ାଇବା ଏବଂ ୪ଜି କଭରେଜ୍ରେ ସୁଧାର ଆଣିବା ଉଦ୍ଦେଶ୍ୟରେ ଅଂଶଗ୍ରହଣକାରୀମାନେ ମୁଖ୍ୟତଃ ୮୦୦ରୁ ୨୫୦୦ ମେଗାହର୍ଜ ବ୍ୟାଣ୍ଡରେ ସ୍ପେକ୍ଟ୍ରମ ପାଇବା ଲାଗି ଆବେଦନ କରିଥିଲେ । ହାଇ ଥ୍ରୁ ପୁଟ୍ ପ୍ରଦାନ କରିବା ଲାଗି ମିଡ୍ ବ୍ୟାଣ୍ଡ ବା ୩୩୦୦ ମେଗାହର୍ଜ ବ୍ୟାଣ୍ଡ ଗୁରୁତ୍ୱପୂର୍ଣ୍ଣ । ବର୍ତମାନର ସମସ୍ତ ତିନୋଟି ଅପରେଟରମାନେ ଏହି ବ୍ୟାଣ୍ଡରେ ସ୍ପେକ୍ଟ୍ରମ ହାସଲ କରିଥିଲେ । ଅପରେଟରମାନେ ୩୩୦୦ ମେଗାହର୍ଜ ବ୍ୟାଣ୍ଡରେ ବର୍ତ୍ତମାନର ୪ଏ କ୍ଷମତା ବଢ଼ାଇବା ଏବଂ ୫ଜି ସେବା ପ୍ରଦାନ କରିପାରନ୍ତି । ଏମଏମ ୱେଭ ବ୍ୟାଣ୍ଡ ବା ୨୬ ଗିଗାହର୍ଜ ବ୍ୟାଣ୍ଡର ହାଇ ଥ୍ରୁପୁଟ୍ ରହିଛି କିନ୍ତୁ ଏହାର ପରିଧି ଖୁବ କମ । ଏହି ବ୍ୟାଣ୍ଡକୁ କ୍ୟାପ୍ଟିଭ ବା ଅଣ-ସାର୍ବଜନୀନ ନେଟଓ୍ୱର୍କ ପାଇଁ ବ୍ୟବହାର କରାଯାଇପାରେ। ସାରା ବିଶ୍ୱରେ ଏହି ବ୍ୟାଣ୍ଡରେ ଫିକ୍ସଡ୍ ୱେରଲେସ ଆକ୍ସେସ (ଏଫଡବ୍ଲୁଏ) ଲୋକପ୍ରିୟ ହେଉଛି। ଅଧିକ ଘନତ୍ୱ/ଭିଡ଼ ଥିବା ଥିବା ସହରାଞ୍ଚଳରେ ଫାଇବର ର ବିକଳ୍ପ ଭାବେ ଏଫଡବ୍ଲୁଏ ବ୍ୟବହାର କରାଯାଇପାରିବ । ଭାରତ ସରକାରଙ୍କ ଏକ ରାଷ୍ଟ୍ରାୟତ ଉଦ୍ୟୋଗ ମେସର୍ସ ମେଟାଲ ସ୍କ୍ରାପ ଟ୍ରେଡିଂ କର୍ପୋରେସନ (ଏମଏସଟିସି) ନିଲାମକାରୀ ଭାବେ କାର୍ଯ୍ୟ କରିଥିଲା । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସ୍ପେକ୍ଟ୍ରମ ଆବଂଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯିବ ଏବଂ ସେପ୍ଟେମ୍ବର/ଅକ୍ଟୋବର ସୁଦ୍ଧା ୫ ଜି ସେବା ଦେଶରେ ଉପଲବ୍ଧ ହେବ।



ସୁନ୍ଦର ସକାଳ







# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ

ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମ ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୦୧**

# ସକାରାତ୍ମକ ଓ ନକାରାତ୍ମକ ମାନସିକତା



ଅଦୃଶ୍ୟ ସ୍ରଷ୍ଟାଙ୍କ ସୃଷ୍ଟିରେ ମାନବ ଏକ ଅନବଦ୍ୟ ସୃଷ୍ଟି। ମନୁଷ୍ୟକୁ ଏକ ସୁନ୍ଦର ସ୍ଥୁଳ ଶରୀର ସାଙ୍ଗକୁ ସୂକ୍ଷ୍ମ ଚୈତନ୍ୟ ଶକ୍ତି ପ୍ରଦାନ, ପ୍ରକୃତିର ଏକ ସର୍ବଶ୍ରେଷ୍ଠ ଦାନ। କିନ୍ତୁ ପ୍ରକୃତିଦତ୍ତ ଚରିତ୍ର, ଭିନ୍ନ ଭିନ୍ନ ବ୍ୟକ୍ତିଙ୍କଠାରେ, ଭିନ୍ନ ଭିନ୍ନ ଭାବରେ ପରିପ୍ରକାଶ ହୋଇଥାଏ। କେତେକ ବ୍ୟକ୍ତି, ଦୟା, ପରୋପକାର, ସହାନୁଭୁତି, ମିଷ୍ଟଭାଷୀ, ନିରହଂକାର, ଶାନ୍ତ ଓ ସରଳତା ପରି ଦୈବୀଗୁଣସମ୍ପନ୍ନ ହୋଇଥିବା ସ୍ଥଳେ, ଅନ୍ୟ କେତେକ ବ୍ୟକ୍ତି, କ୍ରୁରତା, ନିଷ୍ଠୁରତା, ଅହଂକାର, ସ୍ୱାର୍ଥପରତା, ଲୋଭ ଓ କୁଟିଳତା ପରି ଆସୁରୀକ ଗୁଣସମ୍ପନ୍ନ ହୋଇଥାଆନ୍ତି। ଅନେକ ବ୍ୟକ୍ତି କିଛି ମିଶ୍ରିତ ଗୁଣ ପ୍ରାପ୍ତ ହୋଇଥା'ନ୍ତି। ଅନେକ ସୁଗୁଣ ଥିବା ବ୍ୟକ୍ତିର କିଛି ଦୁର୍ଗୁଣ ଥାଏ, କିମ୍ବା ଅନେକ ଦୁର୍ଗୁଣ ଥିବା ବ୍ୟକ୍ତିର କିଛି ସୁଗୁଣ ବି ଥାଏ। ମୋଟାମୋଟି ଭାବରେ ସାଧାରଣତଃ ସୁଗୁଣାଧିକାରୀ ବ୍ୟକ୍ତି ସକାରାତ୍ମକ ଓ ଦୁର୍ଗୁଣାଧିକାରୀ ବ୍ୟକ୍ତି ନକାରାତ୍ମକ ମାନସିକତାର ହୋଇଥା'ନ୍ତି। ସକାରାତ୍ମକ ବ୍ୟକ୍ତି ଏବଂ ନକାରାତ୍ମକ ବ୍ୟକ୍ତିମାନଙ୍କର କାର୍ଯ୍ୟଧାରାରେ ସାଧାରଣ ପ୍ରଭେଦ ହେଉଛି-

(୧) ସକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ ସମସ୍ୟାର, ସରଳ ସମାଧାନ ପାଇଁ ଚେଷ୍ଟା କରେ, କିନ୍ତୁ ନକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ ସହଜ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରେ। ଏହା ମଧ୍ୟ ଏକ ଜନ୍ମଗତ ମାନସିକତା। ଅନେକ ଲୋକ ଅଛନ୍ତି, ତାଙ୍କର ବ୍ୟକ୍ତିଗତ ସମସ୍ୟା ହୋଇ ନଥିଲେ ମଧ୍ୟ, ଅନ୍ୟର ସମସ୍ୟା ଦୃଷ୍ଟିଗୋଚର ହେବାମାତ୍ରେ, ଅଯାଚିତ ଭାବରେ, ସମସ୍ୟାଜଡିତ ବ୍ୟକ୍ତିଙ୍କୁ, ସମାଧାନର ସରଳ ମାର୍ଗ ପ୍ରଦର୍ଶିତ କରିଥାନ୍ତି। କିନ୍ତୁ ଅପରପକ୍ଷରେ, ଅନେକ ନକାରାତ୍ମକ ଚିନ୍ତା ଧାରାର ବ୍ୟକ୍ତି , ଅତ୍ୟନ୍ତ ସରଳ ଭାବରେ ସଂଘଟିତ ହେଉଥିବା କାର୍ଯ୍ୟରେ, ନିଜର କୁଟିଳ ବୁଦ୍ଧି ପ୍ରୟୋଗ କରି, ସେଥିରେ ଅନେକ ସମସ୍ୟା ସୃଷ୍ଟି କରନ୍ତି। (୨) ସକାରାତ୍ମକ ବ୍ୟକ୍ତି ସର୍ବଦା କର୍ମଠ



ହୋଇ, ଆତ୍ମକଲ୍ୟାଣ, ସମାଜ ମଙ୍ଗଳ ନିମନ୍ତେ ନୂଆ ନୂଆ କାର୍ଯ୍ୟ ଆରମ୍ଭ କରିଥାନ୍ତି, ମାତ୍ର ନକାରାତ୍ମକ ବ୍ୟକ୍ତି ଆଳସ୍ୟ ଏବଂ ସ୍ୱାର୍ଥପରତାର ବଶବର୍ତୀ ହୋଇ, ନିଜ କାର୍ଯ୍ୟ ବ୍ୟତୀତ, କୌଣସି ଜନହିତକାରୀ ବା ସମାଜ ମଙ୍ଗଳ କାର୍ଯ୍ୟ ନକରିବା ପାଇଁ ବାହାନାର ଆଶ୍ରୟ ନେଇଥାଏ। (୩) ଜଣେ ସକାରାତ୍ମକ ବ୍ୟକ୍ତି, ନିଜ କାର୍ଯ୍ୟ ସାରି, ଅନ୍ୟର କାର୍ଯ୍ୟଭାର ହାଲୁକା କରିଦେବା ନିମନ୍ତେ କହେ,"ମୁଁ ଆପଣଙ୍କ ପାଇଁ ଏ କାମଟିକୁ କରିଦେବି", କିନ୍ତୁ ଜଣେ ନକାରାତ୍ମକ ବ୍ୟକ୍ତି, ନିଜ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକୁ ମଧ୍ୟ କହେ, "ଏହା ମୋର କାମ ନୁହେଁ।" (୪) ସକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ କାର୍ଯ୍ୟକୁ ଅନୁଧ୍ୟାନ କରେ ଏବଂ କହେ, "ଏ କାର୍ଯ୍ୟଟି ଜଟିଳ ହେଲେ ମଧ୍ୟ କରିବା ସମ୍ଭବ।" କିନ୍ତୁ ଜଣେ ନକାରାତ୍ମକ ବ୍ୟକ୍ତି, କୌଣସି କାର୍ଯ୍ୟକୁ ଅନୁଧ୍ୟାନ ନକରି କହେ, "କାର୍ଯ୍ୟଟି କରିବା ସମ୍ଭବ, କିନ୍ତୁ ଏହା ଅତ୍ୟନ୍ତ ଜଟିଳ।" (୫) ପ୍ରତ୍ୟେକ ମନୁଷ୍ୟ ଜୀବନକାଳ ମଧ୍ୟରେ ଜାଣତରେ ହେଉ ବା ଅଜାଣତରେ ହେଉ, ଅନେକ ଭୁଲ୍ କାର୍ଯ୍ୟ କରିଥା'ନ୍ତି। ସକାରାତ୍ମକ ବ୍ୟକ୍ତି କିଛି ଭୁଲ୍ କରିଛି ଅନୁଭବ କଲେ, ସାଙ୍ଗେ ସାଙ୍ଗେ ଭୁଲ୍ ସ୍ୱୀକାର କରିନିଏ, ଯଦ୍ୱାରା ଅନେକ ସମସ୍ୟାର ସହଜ ସମାଧାନ ହୋଇଯାଇଥାଏ, କିନ୍ତୁ ନକାରାତ୍ମକ ବ୍ୟକ୍ତି ଭୁଲ କରିଥିଲେ ବି ଦୋଷ ମାନେନାହିଁ, ବରଂ ନିଜେ ଠିକ୍ ବୋଲି ଅଯଥା ଯୁକ୍ତିତର୍କ କରିଥାଏ, ଯଦ୍ୱାରା ଅନେକ ଜଟିଳ ସମସ୍ୟା ସୃଷ୍ଟି ହୋଇଥାଏ। (୬) ସକାରାତ୍ମକ ବ୍ୟକ୍ତି ସର୍ବଦା ନିଜକୁ କାର୍ଯ୍ୟବ୍ୟସ୍ତ ରଖିବାକୁ ଭଲ ପାଆନ୍ତି ଏବଂ କୁହନ୍ତି, "ମୋତେ ଅନେକ କାର୍ଯ୍ୟ କରିବାକୁ ହେବ।" ଅପରପକ୍ଷରେ ନକାରାତ୍ମକ ବ୍ୟକ୍ତି କୌଣସି କାର୍ଯ୍ୟ ନକରି କହେ-"କିଛି କରାଯିବା ଉଚିତ।" (୭) ସମସ୍ତ କାର୍ଯ୍ୟର ଭଲ ଦିଗକୁ ଦେଖିବା ସକାରାତ୍ମକ ବ୍ୟକ୍ତିର ଅଭ୍ୟାସ, କିନ୍ତୁ ସମସ୍ତ କାର୍ଯ୍ୟର ମନ୍ଦ ଦିଗକୁ ଖୋଜି ବାହାର କରିବା ନକାରାତ୍ମକ ବ୍ୟକ୍ତିର ଅଭ୍ୟାସ। (୮) ସକାରାତ୍ମକ ବ୍ୟକ୍ତି ସଦାସର୍ବଦା ଭବିଷ୍ୟତକୁ ଦୃଷ୍ଟିପାତ କରିଥାଏ, ନକାରାତ୍ମକ ବ୍ୟକ୍ତି ସଦାସର୍ବଦା ଅତୀତକୁ ଜାବୁଡ଼ି ଧରିଥାଏ। (୯) କୌଣସି କଥା କହିବା ପୂର୍ବରୁ, ସକାରାତ୍ମକ ବ୍ୟକ୍ତି ଗଭୀର ଚିନ୍ତା କରି କଥା କହିଥାଏ, କିନ୍ତୁ କୌଣସି କଥା ନଭାବି, ନକାରାତ୍ମକ ବ୍ୟକ୍ତି କଥା କହିଦିଏ ଏବଂ ପରେ ଚିନ୍ତା କରେ। (୧୦) ନିଜ କର୍ମର ଉତ୍କର୍ଷତାରେ ସକାରାତ୍ମକ ବ୍ୟକ୍ତି, ନିଜର ବ୍ୟକ୍ତି ସାମର୍ଥ୍ୟର ପରିପ୍ରକାଶ କରିଥାଏ, କିନ୍ତୁ ନିଜର ଦକ୍ଷତା ପ୍ରଦର୍ଶନ କରିବାର ଅସାମର୍ଥ୍ୟତା ଯୋଗୁ ପ୍ରଶଂସା ପ୍ରାପ୍ତିରୁ ବଂଚିତ ନକାରାତ୍ମକ ବ୍ୟକ୍ତି, କେବଳ ସଫଳ ବ୍ୟକ୍ତିଙ୍କୁ ଈର୍ଷା ହିଁ କରେ ଏବଂ ତା'ର କୁତ୍ସାରଟନା କରେ।

ଏହି ନକାରାତ୍ମକ ଓ ସକାରାତ୍ମକ ଗୁଣ ଅନେକାଂଶରେ ଜନ୍ମଗତ ହୋଇଥାଏ, କିନ୍ତୁ ସମାଜରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ସଂସ୍ପର୍ଶରେ ମଧ୍ୟ, ସେଥିରେ କିଛି ପରିବର୍ତନ ହୋଇଥାଏ। ନୈତିକ ଶିକ୍ଷା ମଧ୍ୟ ଅନେକଙ୍କ ମାନସିକତାରେ ସକାରାତ୍ମକ ଭାବଧାରା ସୃଷ୍ଟି କରିଥାଏ। ଆଜିକାଲିର ଯାନ୍ତ୍ରିକ ଶିକ୍ଷା କେବଳ ଅର୍ଥ ରୋଜଗାର ପାଇଁ ଉଦ୍ଦିଷ୍ଟ ହୋଇ, ନୈତିକ ଶିକ୍ଷାର ଅବକ୍ଷୟ ଘଟିଥିବାରୁ, ନକାରାତ୍ମକ ବ୍ୟକ୍ତିଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇବାରେ ଲାଗିଛି ଏବଂ ସମାଜରେ ବାରମ୍ବାର ଅନେକ ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେବାରେ ଲାଗିଛି। ଯଦି ଏହି ପ୍ରକ୍ରିୟା ଜାରି ରହେ, ଆମର ଏହି ଶୃଙ୍ଖଳିତ ସମାଜର ଧ୍ୱଂସ ଅବଶ୍ୟମ୍ଭାବୀ, ଏହା ନିଃସନ୍ଦେହ।

**ପ୍ରଦୀପ୍ତ ଆଚାର୍ଯ୍ୟ,** ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

***ନିଜ ଭିତରେ ଥିବା ଆନନ୍ଦ ଓ ଶାନ୍ତିକୁ ଅନୁସନ୍ଧାନ କର।***

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କରୋନା ବନାମ୍ ଆମ ଦୁର୍ବଳ ସ୍ୱାସ୍ଥ୍ୟ ଭିତିଭୂମି !

**ଶରତ କୁମାର ରାଉତ**



ସାମ୍ପ୍ରତି ସାରା ପୃଥିବୀରେ କରୋନା ଭୂତାଣୁର ତାଣ୍ଡବ ଜାରୀ ରହିଛି। ଏହାର ସାମ୍ନା କରିବା ପାଇଁ ଆମ ଦେଶ ଓ ରାଜ୍ୟ ସରକାର ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସାରା ଦେଶ ତାଲାବନ୍ଦି ଅବସ୍ଥାରେ ରହିଛି। ଏହାବ୍ୟତୀତ ଆଉ କୌଣସି ବାଟ ନାହିଁ। ଯଦିଓ ଏହା ମହାମାରୀର ରୂପ ନିଏ, ତାହାର ସାମ୍ନା ପାଇଁ ଆମ ଦେଶ ଓ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ସକ୍ଷମ ହେବନାହିଁ। ଏଠାରେ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଯାଉ। ଆମ ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ଘୋର ଅଭାବ ରହିଛି। ଭିତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟୋରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍‌ମାନଙ୍କରେ ବ୍ଲଡ଼୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ। ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ପ୍ରଶାସନ ଆଦୌ ଦୃଷ୍ଟି ଦେଉନାହିଁ। ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାର ମଧ୍ୟ ଏକାଧିକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। ହେଲେ ସ୍ୱାସ୍ଥ୍ୟ ସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଯୋଜନାଗୁଡ଼ିକ ଚାଲିଛି କିପରି, କେଉଁଠି ଓ କାହାପାଇଁ (?), କେହି କିଛି ଜାଣିପାରୁନାହାଁନ୍ତି। କେବଳ ଜଳଜଳ ଦେଖାଯାଉଛି, ସାରା ରାଜ୍ୟରେ ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ରୋଗୀମାନେ ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି।

୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ଓ ଏଥିଜନିତ ମୃତ୍ୟୁ ସଂଖ୍ୟା ବଢି ଚାଲିଛି। ରାଜ୍ୟରେ ସ୍ୱାସ୍ଥ୍ୟ ମିସନ୍‌ର ଲକ୍ଷ୍ୟ ଫେଲ୍ ମାରିଛି। ସରକାରୀ ଡ଼ାକ୍ତରଖାନା ବାରଣ୍ଡାରେ ଶୋଇ ରୋଗୀମାନେ ଚିକିତ୍ସିତ ହେଉଛନ୍ତି। ଏଠାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରୀକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ପଡ଼େ ଓ ସେଠାରେ ସେମାନେ ଶୋଷିତ ହେଉଛନ୍ତି। ଡ଼ାକ୍ତରଖାନାଗୁଡ଼ିକରେ ବହୁମୂଲ୍ୟ ଔଷଧ ମିଳିବା ତ' ଦୂରର କଥା, ସାଲାଇନ୍ ବା ସାଧାରଣ ରୋଗର ବଟିକା ମଧ୍ୟ ରୋଗୀଙ୍କୁ ବାହାରୁ କିଣିବାକୁ ପଡୁଛି। ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅନେକ ପ୍ରକାର ଔଷଧ କିଣନ୍ତି। ମାତ୍ର ସେସବୁ ରୋଗୀଙ୍କ ଭାଗରେ ପଡ଼େନି। କିଛି ହରିଲୁଟ୍ ହୁଏ, କିଛି ସମୟସୀମା ଶେଷ ପରେ ବଂଟାଯାଏ ଓ ଆଉ କିଛି ବର୍ଷ ଶେଷ ବେଳକୁ ନଷ୍ଟ କରି ଦିଆଯାଏ। ମୋଟ ଉପରେ ଆମର ଚିକିତ୍ସା ବ୍ୟବସ୍ଥା ଏଭଳି ଢଙ୍ଗରେ ଚାଲିଛି ଯେ, ସରକାରୀ ଚିକିତ୍ସାଳୟ କେବଳ ଲୋକଦେଖାଣିଆ, ହେଲେ ନିର୍ଭର କରିବାକୁ ପଡୁଛି ଘରୋଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ।

ବାସ୍ତବତା ଦେଖାଗଲେ, ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ହୋଇପାରିନାହିଁ। କୌଣସି ସମୟରେ ଏନ୍‌ଏଚ୍‌ଏମ୍ ଯୋଜନା ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖିଗଲେ, ତା'ପରେ ରାଜ୍ୟରେ କି ଅବସ୍ଥା ହେବ ସରକାର ଚିନ୍ତା କଲେଣି କି? ଆଜି ଯେତିକି ଭିତିଭୂମିର ବିକାଶ ହୋଇଛି, ତାହା ସ୍ୱାସ୍ଥ୍ୟ ମିସନ୍‌ର ଦାନ। ତେବେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟସେବା ପାଇଁ କିଭଳି ଦାନ ରହିଛି, ତାହା ଜାଣିହେଉନାହିଁ। ଶହଶହ କୋଟି ଟଙ୍କାର ଔଷଧ ଓ ଚିକିତ୍ସା ଉପକରଣ କିଣାଯାଉଛି ସିନା, ସେସବୁ ରୋଗୀମାନଙ୍କ ସେବାରେ ଲାଗୁନି। ସେଥିମଧ୍ୟରେ ଅଧିକାଂଶ ଔଷଧ ଓ ଉପକରଣ ଅତି ନିମ୍ନମାନର। ଯଦିଓ ସ୍ୱାସ୍ଥ୍ୟ ବିଭାଗ ଆନ୍ତରିକତାର ସହ ନିଜ ଦାୟିତ୍ୱ ପ୍ରତି ସଚେତନ ହୁଅନ୍ତା, ଏହି ମିସନ୍ ଅର୍ଥରେ ବି ସ୍ୱାସ୍ଥ୍ୟସେବାର ଉନ୍ନତି ହୋଇସାରନ୍ତାଣି। ଆଜି ପର୍ଯ୍ୟନ୍ତ କୌଣସି ପ୍ରକଳ୍ପ, ଆଇନ୍ ଓ ପଦକ୍ଷେପ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଦର୍ଶ କରିପାରିନାହିଁ। ଅଯଥା ରାଜନୈତିକ ହସ୍ତକ୍ଷେପ, ପ୍ରଶାସନିକ ଅପାରଗତା ଓ ସରକାରୀ ନିୟମ ଉଲଘଂନ ଯୋଗୁଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ୱୟଂ ରୋଗଗ୍ରସ୍ତ ହୋଇଯାଇଛି। କାହିଁକି ଚିକିତ୍ସା ସେବାରେ ଉନ୍ନତି ହୋଇପାରୁନି ବା ଆବଶ୍ୟକୀୟ ଭିତିଭୂମିର ବିକାଶ ହେଉନାହିଁ, ସେ ସଂପର୍କରେ କେହି ଭାବୁଛନ୍ତି କି?

"ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ଼" (ଆଇପିଏଚ୍‌ଏସ୍)ର ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ଭିତିଭୂମିର ସାମାନ୍ୟ ବିକାଶ ହୋଇଥିଲେ ହେଁ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀଙ୍କର ଘୋର ଅଭାବ ରହିଛି। ତେବେ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଯେ ବାସ୍ତବ ଭିତିଭୂମିର ପ୍ରମୁଖ ଅଙ୍ଗ, ଏହା ହୁଏତ ସ୍ୱାସ୍ଥ୍ୟ ପ୍ରଶାସନର ମୁଣ୍ଡରେ ପଶୁନାହିଁ। ଆଇପିଏଚ୍‌ଏସ୍ ଅନୁଯାୟୀ ଓଡ଼ିଶାର ଉପସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର ଓ ଜିଲ୍ଲା ସଦରମହକୁମା ଡ଼ାକ୍ତରଖାନାରେ ୧୫୦୧୪ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ୭୨୧୫। ସେହିପରି ରାଜ୍ୟର ୧୨୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୩୧ ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର, ୫୮ ଉପଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, ୨୮ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା (୨୦୧-୩୦୦ ଶଯ୍ୟା) ଓ ୪ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା (୩୦୧-୫୦୦ ଶଯ୍ୟା), ବ୍ରହ୍ମପୁର, ବୁର୍ଲା ଓ କଟକ ବଡ଼ ମେଡ଼ିକାଲ୍‌ରେ ୧୪୧୯୨ ଷ୍ଟାଫ୍ ନର୍ସଙ୍କର ନିଯୁକ୍ତି ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ମାତ୍ର ୩୫୨୩। ସେହିପରି ଆଇପିଏଚ୍‌ଏସ୍ ନିୟମ ଅନୁଯାୟୀ କର୍ମୀ ନିଯୁକ୍ତି ତ' ଭିନ୍ନ କଥା, ହେଲେ ବର୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କର ଯେତିକି ପଦବୀ ରହିଛି, ସେଗୁଡ଼ିକରୁ ଅଧିକାଂଶ ମଧ୍ୟ ଖାଲି ପଡ଼ିଛି। ହେଡ୍ ନର୍ସ, ମ୍ୟାଟ୍ରନ୍, ସହକାରୀ ମ୍ୟାଟ୍ରନ୍, ପିଏଚ୍‌ଏନ୍, ଡ଼ିପିଏଚ୍‌ଏନ, ମହିଳା ପରିଦର୍ଶିକା, ଫାର୍ମାସିଷ୍ଟ, ଏଲ୍‌ଟି ଭଳି ବହୁ ପାରାମେଡ଼ିକ୍ କର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ଡ଼ାକ୍ତର ଅଭାବ ସମସ୍ୟା ଏକ ଜଟିଳ ରୂପ ନେଇଛି। ଏବେ ଓଡ଼ିଶାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୨୫୪୯ ରହିଛି। ଜାତୀୟ ସ୍ତରରେ ରହିଛି। କିନ୍ତୁ କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ ଓ ମହାରାଷ୍ଟ୍ରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୦୦୦ ରହିଛି। ଦେଶର ସର୍ବୋତମ ସ୍ୱାସ୍ଥ୍ୟସେବା ତାଲିକାରେ ଗୋଆ ରେକର୍ଡ଼ ସୃଷ୍ଟି କରିଛି। ଏଠାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୪୯୩ ରହିଛି। ଆମ ପଡ଼ୋଶୀ ଆନ୍ଧ୍ରରେ ଏହି ଅନୁପାତ ୧:୧୧୩୦ ରହିଛି। ଏହାର ମୁଖ୍ୟ କାରଣ ହେଲା, ଆନ୍ଧ୍ରରେ ୩୧ଟି ମେଡ଼ିକାଲ୍ କଲେଜ ରହିଛି। ପ୍ରତିବର୍ଷ ଏଠାରୁ ୪୭୫୦ ଡ଼ାକ୍ତର ଉତୀର୍ଣ୍ଣ ହେଉଛନ୍ତି। ମାତ୍ର ଓଡ଼ିଶାରେ ୯ଟି ମେଡ଼ିକାଲ୍ କଲେଜରୁ ପ୍ରତିବର୍ଷ ୯୦୦ ଡ଼ାକ୍ତର ଉତୀର୍ଣ୍ଣ ହେବାର ବ୍ୟବସ୍ଥା ରହିଛି। ଏ ଦିଗରେ ଆମେ କାହିଁକି ପଛରେ ପଡ଼ିଛୁ, ବ୍ୟାପକ ସମୀକ୍ଷା ହେବା ଉଚିତ। ଆମ ରାଜ୍ୟରେ ଅଧିକ ଡ଼ାକ୍ତର ସୃଷ୍ଟି ହେବା ସହ ଆବଶ୍ୟକୀୟ ପାରାମେଡ଼ିକ୍ କର୍ମୀ ନିଯୁକ୍ତି ପାଇଲେ ହିଁ ବାସ୍ତବ ଭିତିଭୂମିର ବିକାଶ ହୋଇପାରିବ। ଆଜି କରୋନା ଭୂତାଣୁର ତାଣ୍ଡବରୁ ରକ୍ଷା ପାଇଁ ଆମେ ଡ଼ହଳ ବିକଳ ହେଉଛେ। ବାସ୍ତବରେ ଆମର ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ବିକଶିତ ହୋଇଥା'ନ୍ତା ଓ ୧ ହଜାର ଲୋକଙ୍କ ପାଇଁ



ସମାନ ହେବାକୁ ଏଠାରେ ୧୦ ହଜାର ଡ଼ାକ୍ତରଙ୍କ ଆବଶ୍ୟକତା ରହିଛି। ଜାତୀୟ ସ୍ତରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୪୫୭ ରହିଛି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଓଡ଼ିଶାରେ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତରଙ୍କର ଆବଶ୍ୟକତା ଜଣେ ଡ଼ାକ୍ତର କାର୍ଯ୍ୟରତ ଥାଆନ୍ତେ, ଆମ ଓଡ଼ିଶା ସହଜରେ କରୋନାକୁ ସାମ୍ନା କରି ପାରିଥା'ନ୍ତା। ଏଥିପ୍ରତି ସରକାର ତୁରନ୍ତ ଯତ୍ନବାନ ହେବା ଉଚିତ।

***-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮***

# ଏଚ୍‌ଆଇଭି/ଏଡ୍‌ସଙ୍କ ପାଇଁ ସଂଗ୍ରାମ



ଏ ପର୍ଯ୍ୟନ୍ତ ବିଶ୍ୱରେ ତିନିଗୋଟି ରୋଗର ନିବାରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରିପାରିନାହିଁ। ଏହି ରୋଗଗୁଡ଼ିକ ହେଲେ ଏଡ୍‌ସ, ମଧୁମେହ ଏବଂ ଡେଙ୍ଗୁ। ଏମାନଙ୍କ ମଧ୍ୟରେ ଭୟଙ୍କର ଏବଂ ମାରାତ୍ମକ ହେଉଛି ଏଡ୍‌ସ। ଏଡ୍‌ସ ଏକ ଇଂରାଜିରେ ସଂକ୍ଷିପ୍ତ ଆକାର, ଯାହାର ସଂପୂର୍ଣ୍ଣ ନାମ ହେଉଛି- Acquired/Immunodeficiency Syndroms.। ଏହି ରୋଗ ଏକ ଭୂତାଣୁଜନିତ ରୋଗ ଯାହାର ଭୂତାଣୁର ନାମ ଏଚ୍‌.ଆଇ.ଭି (H.I.V)। ଏହି ଭୂତାଣୁ ଦୁଇ ପ୍ରକାରର। ଏଚ୍‌.ଆଇ.ଭି-୧ ଏବଂ ଏଚ୍‌.ଆଇ.ଭି-୨, ଏଚ୍‌.ଆଇ.ଭିର ସପୂର୍ଣ୍ଣ ନାମ ହେଉଛି- Human immunodeficieny Virus। ଏହି ଭୂତାଣୁ ଅର୍ଥ ମାନବ ଶରୀରରରେ ଅଭାବ ସୃଷ୍ଟିକାରୀ ଭୂତାଣୁ, ଯାହା ମାନବ ଶରୀରରେ ପ୍ରବେଶ କଲେ ଏଡ୍‌ସ ସୃଷ୍ଟି କଲେ। ଏଡସ୍ ମାନେ ହେଉଛି ଅର୍ଜିତ ରୋଗର ପ୍ରତିରୋଧର ଶକ୍ତି ଅଭାବଜନିତ ବିଭିନ୍ନ ଲକ୍ଷଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୨୦୦୫ ସୁଦ୍ଧା ପୃଥିବୀରେ ୪ କୋଟି ୩୦ ଲକ୍ଷ ଲୋକ ଏହି ଜୀବାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିଲେ। ୧୯୮୧ ଏବଂ ୨୦୦୭ ମଧ୍ୟରେ ପ୍ରାୟ ୨୫ ନିୟୁତ ଲୋକ ପ୍ରାଣ ହରାଇଥିଲେ ଏବଂ ୩୩.୨ ନିୟୁତ ଲୋକ ବିଶ୍ୱରେ ଆକ୍ରାନ୍ତ ହୋଇ ଜୀବନ ବିତାଉଥିଲେ।



ଏହା ବିଶ୍ୱ ଇତିହାସରେ ଏକ ଭୟଙ୍କର ବେମାର। ନାନାପ୍ରକାର ପ୍ରତିଷେଧକ ବ୍ୟବସ୍ଥାର ପ୍ରୟୋଗ ସତ୍ତ୍ୱେ ତଥାପି ୨୦୦୭ ବେଳକୁ ୨ ନିୟୁତ ଲୋକ ଏଥିରେ ଆକ୍ରାନ୍ତ ଥିଲେ, ଯେଉଁମାନଙ୍କ ମଧ୍ୟରେ କେବଳ ଶିଶୁ ଥିଲେ ୨୭୦୦୦୦ ଜଣ। ସଂପ୍ରତି ବିଶ୍ୱରେ ଏହି ସଂଖ୍ୟା ୩୩ ନିୟୁତ ଥିଲାବେଳେ, ଆମ ଭାରତରେ ଏହି ସଂଖ୍ୟା ୨.୫ ନିୟୁତ ଓ ଓଡିଶାରେ ଏହି ସଂଖ୍ୟା ୨୬,୩୦୦ ଅଛି। ଓଡିଶାରେ ଗଂଜାମ ଜିଲ୍ଲାରେ ଆମ ରାଜ୍ୟ ଏଡ୍‌ସ ରୋଗୀ ସଂଖ୍ୟାର ପ୍ରାୟ ୪୦% ବାସ କରନ୍ତି । ଗଂଜାମ ବ୍ୟତୀତ, କଟକ, ଖୋର୍ଦ୍ଧା, ସମ୍ବଲପୁର, କୋରାପୁଟ, ରାୟଗଡା, ପୁରୀ, ବାଲେଶ୍ୱର ଏବଂ ଅନୁଗୁଳ ଜିଲ୍ଲାମାନଙ୍କରେ ଏହି ସଂକ୍ରମିତ ସଂଖ୍ୟା ମଧ୍ୟ କମ୍ ନୁହେଁ। ଏ ପ୍ରକାର ରୋଗ ସମ୍ବନ୍ଧରେ ପ୍ରଥମ ସୂଚନା ୧୯୮୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଜର୍ଜିଆ ପ୍ରଦେଶର ନିୟନ୍ତ୍ରଣ କେନ୍ଦ୍ରରୁ ମିଳିଥିଲା ଏବଂ ଆମ ଭାରତରେ ୧୯୮୬ ମସିହାରେ ପ୍ରଥମେ ଏହି ସୂଚନା ତାମିଲନାଡୁରୁ ମିଳିଥିଲା। ୧୯୯୨ ମସିହାରେ ପ୍ରଥମ ଏଡ୍‌ସ ରୋଗୀକୁ ଚିହ୍ନଟ କରାଯାଇଥିଲା।

ଏହି ଭୂତାଣୁ ରୋଗୀର ରକ୍ତକୋଷ, ବୀର୍ଯ୍ୟ , ଲୁହ, ଲାଳ, ମା' କ୍ଷୀର ଏବଂ ସ୍ତ୍ରୀମାନଙ୍କ ଜନନେନ୍ଦ୍ରିୟ ଦ୍ୱାରରୁ ବାହାରୁଥିବା ଲାଳରେ ଥାଆନ୍ତି। ଏଣୁ ଏଚ୍‌ଆଇଭି ସଂକ୍ରମଣଜନିତ ରୋଗୀ ସହିତ ସଂପର୍କ ରଖିଲେ ବିଶେଷ କରି ଯୌନସଂପର୍କ ଅଥବା ରକ୍ତସଂପର୍କ ରଖିଲେ, ଜଣଙ୍କଠାରୁ ଏହା ଅନ୍ୟମାନଙ୍କୁ ବାହିତ ହୋଇଥାଏ। ଏହି ସଂକ୍ରମଣର ୫ଟି ମାର୍ଗ ଅଛି। ଶାରୀରିକ ସଂପର୍କ-୧; ଆକ୍ରାନ୍ତ ବ୍ୟକ୍ତିର ରକ୍ତ ସୁସ୍ଥବ୍ୟକ୍ତି ଗ୍ରହଣ କଲେ- ୨; କିମ୍ବା ବ୍ୟବହୃତ ଛୁଂଚି ଯଦି ଅନ୍ୟ କୌଣସି ବ୍ୟକ୍ତିଠାରେ ବ୍ୟବହାର ହୁଏ-୩, ଆକ୍ରାନ୍ତ ଅଂଗ ଅନ୍ୟ କାହାଠାରେ ପ୍ରତିରୋପଣରେ ବ୍ୟବହାର ହୁଏ-୪, ଏବଂ ଗର୍ଭାବସ୍ଥାରେ ଏଚ୍‌.ଆଇ.ଭି. ଆକ୍ରାନ୍ତ ମା'ଠାରୁ ଶିଶୁକୁ ଏହା ସଂକ୍ରମିତ ହୁଏ । ଆକ୍ରାନ୍ତ ମା'ମାନେ ନିଜ ଛୁଆକୁ କ୍ଷୀର ପାନ କରାଇବା ଦ୍ୱାରା ଏହି ରୋଗ ସଂକ୍ରମିତ ହୁଏ। ଜନ୍ମହେବାର ୧୮ମାସ ଭିତରେ ୩୦% ଶିଶୁ ଏହି ରୋଗରେ ପଡିଥାନ୍ତି। ଏହି ଶିଶୁମାନଙ୍କ ମଧ୍ୟରୁ ଅଧିକାଂଶ ଏକବର୍ଷ ଭିତରେ ଏବଂ ଅନ୍ୟମାନେ ପାଂଚବର୍ଷ ଭିତରେ ମୃତ୍ୟୁବରଣ କରିଥା'ନ୍ତି। ଉପରୋକ୍ତ କାରଣଗୁଡିକୁ ବାଦ୍ ଦେଲେ ଦାରିଦ୍ର୍ୟ, ନିର୍ଯାତନା, ଅନାହାର, ଅସହାୟତା, ସମଲିଂଗ ସଂପର୍କ, ନିଶାସେବନ ଏବଂ ବୈଧବ୍ୟ ଇତ୍ୟାଦି ଏଡ୍‌ସ ରୋଗର ମଧ୍ୟ କାରଣ ଅଟନ୍ତି।

ଏହି ରୋଗର ପରିପ୍ରକାଶ ପାଇଁ ୨ମାସରୁ ୨୦ବର୍ଷ ସମୟ ଲାଗେ। କେତେକ କ୍ଷେତ୍ରରେ ୧୦ ବର୍ଷରେ ଏହାର ଲକ୍ଷଣ ଦେଖାଯାଏ। ଏହି ରୋଗର ଲକ୍ଷଣ ସ୍ୱରୂପ ପ୍ରଥମେ ଜ୍ୱର ହେବା, ମାଂସପେଶୀ ଦରଜ ଲାଗିବା, ଲିମ୍ଫୋଗ୍ଲାଣ୍ଡ ଫୁଲିବା ଇତ୍ୟାଦି ଦେଖାଯାଏ।

ଏହି ରୋଗର ନିରୂପଣ ନିମନ୍ତେ ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା କରାଯାଏ। ଯଥା- ଏଲିସା ଏବଂ ଓ୍ୱେଷ୍ଟର୍ଣ୍ଣ ବ୍ଲଡ ଟେଷ୍ଟ ସିଡି-ପୋର ଲିମ୍ଫୋସାଇଟ୍ ପରୀକ୍ଷା ହୁଏ। ଏଚ୍‌.ଆଇ.ଭି. ଆଣ୍ଟିବଡି ଟେଷ୍ଟ ସିଡି-ପୋର ଟେଷ୍ଟର ପରୀକ୍ଷା ଏବଂ ରୋଗର ଲକ୍ଷଣ ଦେଖି ରୋଗକୁ ଚିହ୍ନଟ କରାଯାଇଥାଏ।

ଏହି ରୋଗ ଥରେ ଆକ୍ରାନ୍ତ କଲେ ରକ୍ତରୁ ଏହି ଭୂତାଣୁକୁ ବାହାର କରିବା ଅସମ୍ଭବ। ତେବେ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହୋଇପାରିଲେ ଏଚ୍‌.ଆଇ.ଭି. ସଂକ୍ରମଣରୁ ରୋଗକୁ ରୋକାଯାଇପାରିବ। ନିୟମିତ ଡାକ୍ତରୀ ପରାମର୍ଶ ମାନି ଚଳିଲେ ଏଚ୍‌.ଆଇ.ଭି.ଗ୍ରସ୍ତ ବ୍ୟକ୍ତି ସାଧାରଣ ଜୀବନଯାପନ କରିବାରେ କୌଣସି ଅସୁବିଧା ନାହିଁ। ଏବେ ଏଡ୍‌ସ ରୋଗୀଙ୍କ ପାଇଁ ଆଣ୍ଟିରେଟ୍ରୋଭିରାଲ ଥେରାପି (ଏଆରଟି) ବ୍ୟବହାର ହେଉଛି। ଏହା ସହିତ ଉତ୍ତମ ଖାଦ୍ୟ ଖାଇବା, ମନକୁ ହାଲ୍‌କା ରଖିବା ତଥା ଭିଟାମିନ ବ୍ୟବହାର କରିବା ଦ୍ୱାରା ରୋଗୀ ତା' ନିଜ ଜୀବନକୁ ଦୀର୍ଘତ୍ୱ କରାଇଥାଏ।

ଗୋଟାଏ ପ୍ରବାଦ ଅଛି ଯେ ରୋଗ ହେବା ପୂର୍ବରୁ ତା'ର ପ୍ରତିଷେଧକ ବ୍ୟସ୍ଥାଟି ସର୍ବୋତ୍ତମ (Prevention is better than Cure)। ଏହା ରୋଗ ଭୂତାଣୁକୁ ଶରୀରକୁ ମଡାଇଦିଏ ନାହିଁ। ଏଥିପାଇଁ କେତୋଟି ପ୍ରତିଷେଧକ ପଦ୍ଧତି ଅଛି। ପ୍ରଥମଟି ହେଲା- ପ୍ରାଇମେରୀ ପ୍ରୋଫାଇଲାକିସିସ୍: ଏହା କିଛି ଟୀକାର ବ୍ୟବସ୍ଥା। ଏହା ସୁଯୋଗ ଖୋଜୁଥିବା ଜୀବାଣୁକୁ ଶରୀର ମଧ୍ୟକୁ ପ୍ରବେଶ କରାଇଦିଏ ନାହିଁ; ଦ୍ୱିତୀୟଟି ହେଲା: ସେକେଣ୍ଡାରୀ ପ୍ରୋଫାଇଲାକିସିସ୍: ଏହା ମଧ୍ୟ ସେହିପ୍ରକାର ଏକ ଚିକିତ୍ସା ବ୍ୟବସ୍ଥା ଏବଂ ତୃତୀୟତଃ ମା' ଗର୍ଭାବସ୍ଥାରେ ଥିଲେ ମା'କୁ ରେଟ୍ରୋଭାଇରାଲ ଆଣ୍ଟି ବାୟୋଟିକ୍ ଦେବା ସହ ପିଲା ଜନ୍ମ ହେଲାପରେ ପିଲାକୁ ଦେବାକୁ ଦରକାର ପଡିଥାଏ।

ଏଡ୍‌ସକୁ ନିୟନ୍ତ୍ରଣ କରିବାରେ ବିଶ୍ୱସ୍ତରରେ, ଆମ ଦେଶରେ ଏବଂ ଏମିତିକି ଆମ ରାଜ୍ୟରେ ବିଭିନ୍ନ ବ୍ୟବସ୍ଥାମାନ ଅଛି। ଏମିତିକି ଆମ ରାଜ୍ୟର ପ୍ରତି ଜିଲ୍ଲାରେ ଏଚ୍‌.ଆଇ.ଭି. ପରୀକ୍ଷା ନିମନ୍ତେ କେନ୍ଦ୍ର ଖୋଲାଯାଇ ସେଠାରେ ରକ୍ତ ପରୀକ୍ଷାମାନ କରାଯାଏ। ରୋଗ ନିରୂପଣ ହେଲେ ମାଗଣା ଚିକିତ୍ସା ଓ ଔଷଧ ବ୍ୟବସ୍ଥା ଅଛି। ଆକ୍ରାନ୍ତ ବ୍ୟକ୍ତିଙ୍କୁ ସହାୟତା ନିମନ୍ତେ 'ମୋ କୁଡିଆ ଯୋଜନା', 'ମଧୁବାବୁ ପେନ୍‌ସନ୍ ଯୋଜନା' ଏବଂ ସମସ୍ତ ସଂକ୍ରମିତ ବ୍ୟକ୍ତିଙ୍କୁ ଦାରିଦ୍ର୍ୟ ସୀମାରେଖା ତଳେ ରଖି ବି.ପି.ଏଲ. ବା ଅନ୍ତୋଦୟ ଅନ୍ନ ଯୋଜନା, ସାମାଜିକ ନିରାପତ୍ତା ଯୋଜନା ଏବଂ ଚିକିତ୍ସା କେନ୍ଦ୍ରକୁ ଯାତାୟାତ ପାଇଁ ସରକାରୀ ଓ ବେସରକାରୀ ଯାନବାହନରେ ମାଗଣା ଯାତାୟାତ ଯୋଜନାମାନ ଆମ ସରକାର କରିଛନ୍ତି। ସେହିପରି ଆକ୍ରାନ୍ତ ଶିଶୁମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ନିମନ୍ତେ ସମନ୍ୱିତ ଶିଶୁବିକାଶ ଯୋଜନା କରାଯାଇଛି।

ଦୁଃଖ ଯେ ଅନେକ ସଂକ୍ରମିତ ନିଜ ରୋଗକୁ ଲୁଚାଇ ରଖନ୍ତି ପଛେ, ସାମଜିକ ଲଜ୍ଜା ବା ଲାଞ୍ଛନା କାରଣରୁ ଡାକ୍ତରଖାନା ଯାଆନ୍ତି ନାହିଁ କି ଚିକିତ୍ସା କରନ୍ତି ନାହିଁ। ଆମେ ତ ଏମିତି ଏକ ସମାଜରେ ଅଛୁ ଯେ ଏପରି ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ବହୁତ ଘୃଣା କରୁ। ଏମିତିକି ସ୍ପର୍ଶ କରିବାକୁ କୁଣ୍ଠାବୋଧ, ସତେ ଯେମିତି ସେମାନେ କୁଷ୍ଠାକ୍ରାନ୍ତ। 'ନିଜେ ବଂଚିଲେ ଯୁଗ ଦେଖିବା' ନ୍ୟାୟରେ ସଂକ୍ରମିତମାନେ ଚିକିତ୍ସା ପାଇଁ ଆତ୍ମପ୍ରକାଶ କରନ୍ତୁ । ସେହିପରି ଯେଉଁମାନେ ତାଙ୍କୁ ଘୃଣା କରନ୍ତି, ଜାଣନ୍ତୁ ଯେ ଏହା ଡିଆଁ ବା ଛୁଆଁ ରୋଗ ନୁହେଁ। ରୋଗର କାରଣଗୁଡିକ ପ୍ରତି ସଚେତନ ରହିଲେ ସବୁ ଠିକ୍। ଏଡ୍‌ସ ପାଇଁ ଏଡ୍ (ସାହାଯ୍ୟ) ନାହିଁ, ଏ ପ୍ରକାର ଧାରଣା ସଂପୂର୍ଣ୍ଣ ଭୁଲ। ଅନ୍ୟପକ୍ଷରେ ଏଥିପାଇଁ ସଚେତନ ରହି ଅନ୍ୟମାନଙ୍କୁ ସଚେତନ କରାଇବା ଉଚିତ୍। ରୋଗୀକୁ ସହାନୁଭୂତି ସହ ବଂଚିବାରେ ସହାୟତା କରିବା ଆମର ପରମ କର୍ତ୍ତବ୍ୟ।

ବିଶ୍ୱସ୍ତରରେ ଏଡ୍‌ସ/ଏଚ.ଆଇ.ଭି. ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ନାନା କାର୍ଯ୍ୟକ୍ରମ ରଖାଯାଇଛି ଏବଂ ଏହି ଦିବସଟିକୁ ପାଳନ କରିବା ନିମନ୍ତେ ପ୍ରତିବର୍ଷ ୧ ଡିସେମ୍ବରକୁ ନିଶ୍ଚିତ କରାଯାଇଛି। ବିଶ୍ୱସ୍ତରୀୟ ଏଡ୍‌ସ ଦିବସ ୧ ଡିସେମ୍ବର ୧୯୮୮ଠାରୁ ପାଳିତ ହୋଇଆସୁଅଛି । ଆମେ ତ କେବଳ ଏହାର ଅଂଶୀଦାର ହେବାନାହିଁ, ଅନ୍ୟପକ୍ଷରେ ଆନ୍ତର୍ଜାତିକ, ଜାତୀୟ ଏବଂ ଆମ ରାଜ୍ୟସ୍ତରରେ ଏଡ୍‌ସ ଶୂନ୍ୟ କରିବା ନିମନ୍ତେ ଆସନ୍ତୁ ପ୍ରଯତ୍ନ କରିବା ।

**ବିପିନବିହାରୀ ମହାନ୍ତି,** ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୧୩୮




## ବାହାର ଅଞ୍ଚଳର ଟ୍ରକ ଚଳାଚଳକୁ ନେଇ ଦୁଇସଂଘ ଧାରଣାରେ ମାଟୋଆ ସଂଘ ଧାରଣା ୭ମ ଦିନ ପରେ ଜେଟିଏ ସଂଘର ଧାରଣା ଆରମ୍ଭ




ଯୋଡ଼ା (ପିଏନ)- ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ ଜୋରିବାହାଲ ଲୌହ ଖଣିରେ ଖଣିଜ ପରିବହନରେ ଡମ୍ପର ପରିବର୍ତ୍ତେ ବାହାର ଟ୍ରକକୁ ନିୟୋଜିତ କରିବାରୁ ଅଞ୍ଚଳରେ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହେଲାଣି । ଯୋଡା ମାଇନିଂ ଏରିଆ ଟ୍ରକ ମାଲିକ ସଂଘ (ମାଟୋଆ)ର ଧାରଣା ୭ମ ଦିନରେ ପହଞ୍ଚି ଥିବା ବେଳେ ରବିବାର ଦିନ ଠାରୁ ଜୁରୁଡି ଟ୍ରକ ଆସୋସିଏସନ (ଜେଟିଏ) ଧାରଣା ଦେଇଥିବା ଜଣାଯାଇଛି । ପ୍ରେସ ବିବୃତ୍ତି ମାଧ୍ୟମରେ ଜେଟିଏ ପକ୍ଷରୁ କୁହାଯାଇଛି ଯେ କାସଭି ଇଣ୍ଟରନେସନାଲ ଜୋରିବାହାଲ ଲୌହଖଣି ସ୍ଥାନୀୟ ଟ୍ରକକୁ କାମନଦେବା ଓ ପରିବହନର ମୂଲ୍ୟ ମନଇଚ୍ଛା ଦେବାରୁ ଏହାର ପ୍ରତିବାଦ କରି ଜୁରୁଡି ଟ୍ରକ ଆସୋସିଏସନ ଜରିବାହାଲ ଠାରେ ଧାରଣା ଦେଇଛି । ଏସମ୍ପର୍କରେ କାସଭି ଖଣିକୁ ଚିଠି ଦେଇ ଦାବି ସମ୍ପର୍କରେ ଜଣାଇଦେଇଛି । ଜୁରୁଡି ଟ୍ରକ ଆସୋସିଏସନର ସମ୍ପାଦକ ମହେନ୍ଦ୍ର ମହାନ୍ତି ଓ ବରିଷ୍ଠ ସଦସ୍ୟ ପ୍ରଭୁରଞ୍ଜନ ଶତପଥି କହିଛନ୍ତି ଯେ ମନମୁଖୀ କାର୍ଯ୍ୟକୁ ବନ୍ଦ ନକଲା ପର୍ଯ୍ୟନ୍ତ ଏବଂ ବାହାର ଅଞ୍ଚଳର ଗାଡିର ପରିବହନକୁ ବନ୍ଦ ନକଲା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ସୂଚନା ଦେଇଛନ୍ତି । ଯୋଡା, ଜୁରୁଡି ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ହଜାର ହଜାର ଟ୍ରକ ମାଲିକ ଖଣି କମ୍ପାନୀର ଏହି ମନମୁଖୀ କାର୍ଯ୍ୟ ପାଇଁ ଋଣଗ୍ରସ୍ତ ହୋଇ କ୍ଷତି ସହୁଛନ୍ତି ବୋଲି ସମ୍ପାଦକ ମହାନ୍ତି ପ୍ରକାଶ କରିଛନ୍ତି । ତେଣେ ପ୍ରଶାସନର ୨ଗୋଟି ସମସାମହୀକ ଧାରଣା ମୁଣ୍ଡବଥାର କାରଣ ପାଲଟିଛି । କିଛି ଟ୍ରକ ମାଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଗ୍ରେଡ ହେରଫେର କରି ଖଣିଜ ପରିବହନ ହେବାର ସମ୍ଭାବନା ଥିବାରୁ ସ୍ଥାନୀୟ ଟ୍ରକ ଗୁଡିକୁ ଖଣି କର୍ତ୍ତୃପକ୍ଷ ନିୟୋଜିତ କରୁନାହିଁ । ଏନେଇ କାସଭି ଖଣିର ବରିଷ୍ଠ ଅଧିକାରୀ ଖଣିରେ କୌଣସି ଅନିୟମିତତା ନଥିବା କଥା କହି ପ୍ରକାଶ କରିଛନ୍ତି ଯେ ଦିନେ ଦୁଇଦିନ ମଧ୍ୟରେ ଦୁଇଟି ସଂଘ ସହ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ । ସ୍ଥାନୀୟ ଟ୍ରକ ମାଲିକଙ୍କୁ ଉପେକ୍ଷା କରାନଯାଇ ସେମାନଙ୍କ ସମସ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ ।

## ସ୍ୱାଧିନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,(ପି.ଏନ): ଆସନ୍ତା ଅଗଷ୍ଟ ୧୫ ରେ ଦେଶ ସ୍ୱାଧିନ ହେବାର ୭୫ ବର୍ଷ ପାଳନ ଅବସରରେ ଅମୃତ ମହୋତ୍ସବ ନାଁ ରେ ପାଳନ ହେବାକୁ ଯାଉଛି ୭୫ ତମ ସ୍ୱାଧିନତା ଦିବସ ।ସ୍ୱାଧୀନତା ଦିବସ ପାଳନ କୁ ନେଇ ସାରାଦେଶ ସଜବାଜ ହେଉଥିବା ବେଳେ ଏପରିପେକ୍ଷୀ ରେ ନୂଆପଡା ଜିଲ୍ଲା ର ଖଡିଆଳ ସହର ର ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ପାଳନ ହେବ ୭୫ ତମ ସ୍ୱାଧିନତା ଦିବସ। ସ୍ୱାଧିନତା ଦିବସ ପାଳନ କୁ ନେଇ ମଗଂଳବାର ଖଡିଆଳ ବ୍ଲକ ସମ୍ମଳନୀ କକ୍ଷ ଠାରେ ଖଡିଆଳ ବିଡିଓ ନାରାୟଣ ସାହୁ କଂ ଅଧକ୍ଷତା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିବେ । ଏ ଅବସର ରେ ପ୍ରାଥମିକ ସ୍କୁଲ ରୁ ଆରମ୍ଭ କରି କଲେଜ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବା ସହ କୃତିପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ପ୍ରସ୍ତୁତି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଜଂଳୀ ନନ୍ଦ,ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି,ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ମିଶ୍ର ଏ ବି ଡି ଓ ଶୁକ୍ଳୁ ରାଠୋର,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି,ଦକ୍ଷ ଇ ଓ କ୍ଷଣପ୍ରଭ ପାଣିଗ୍ରାହୀ,ପୋଲିସ ଏସ ଆଇ ଦେବେନ୍ଦ୍ର ବିନ୍ଧାଣି,ଅଧ୍ୟାପକ ଡ ପଦ୍ମଲୋଚନ ବର୍ମା,, ଅସିତ୍ ପଟ୍ଟନାୟକ, ଅକ୍ଷୟ ନନ୍ଦ,ଅବସର ପ୍ରାପ୍ତ ଯବାନ ସୁରେନ୍ଦ୍ର କୁମାର,ବ୍ଲକ ଶିକ୍ଷା ଅଧିକାରୀ ସମେତ ବିଭିନ୍ନ ସ୍କୁଲ କଲେଜର ଶିକ୍ଷକ/ଶିକ୍ଷୟତ୍ରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଅଧ୍ୟାପକ ଆଲୋକ ରଥ ମଞ୍ଚ ପରିଚାଳନା ଓ ଶିକ୍ଷୟତ୍ରୀ ମମତା ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ସମଲେଶ୍ୱରୀ ଏକ୍ସପ୍ରେସ୍ ଧକ୍କାରେ ଅଜଣା ଯୁବକ ମୃତ

ବଲାଙ୍ଗିର,(ପି.ଏନ): ଆଜି ଦିନ ପ୍ରାୟ ୧୧ ଟା ସମୟରେ ବଲାଙ୍ଗୀର ରୁ ଦେଓଗାଁ କୁ ସଂଯୋଗ କରୁଥିବା ରେଲୱେ ଲାଇନ୍ ର ମଠଖାଇ ପାହାଡ ପାଖାପାଖି ଅଂଚଳରେ ଆଜି ଏକ ଅଜଣା ବ୍ୟକ୍ତିଙ୍କ ମୁଣ୍ଡ ଉଦ୍ଧାର କରିଛି ରେଲୱେ ପୋଲିସ । ବଲାଙ୍ଗୀରୁ ଦେଓଗାଁ ପଟକୁ ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସ ର ଧକ୍କାରେ ଏହି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜିଆରପି ପୋଲିସ ବଲାଙ୍ଗିର ଅଧିକାରୀ ଏସ୍ କେ ପଧାନ ସୂଚନା ଦେଇଥିବା ବେଳେ ଶରୀରର ବାକି ଅଂଶ କିଛି ଦୂରରେ ଯାଇ ପଡିଥିବା ଖୋଜା ଖୋଜି ପରେ ମିଳିଥିବା ବେଳେ ଏହା ଏକ ଆତ୍ମହତ୍ୟା ମାମଲା ହୋଇଥିବା ପୋଲିସ କହୁଛି । ଏପର୍ଯ୍ୟନ୍ତ ତାର ପରିଚୟ ମିଳିପାରି ନାହିଁ ।

## ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପୀ ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

## ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା ।

## ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଦୁର୍ନୀତି: ବେଆଇନ ନିଯୁକ୍ତି ଅଭିଯୋଗର ତଦନ୍ତ ଆରମ୍ଭ କଲେ ଲୋକାୟୁକ୍ତ ନିର୍ଦ୍ଦେଶାଳୟର ୨ଜଣିଆ ଟିମ

କେନ୍ଦ୍ରାପଡା, (ପିଏନ)- ବହୁ ଚର୍ଚ୍ଚିତ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ବେଆଇନ ନିଯୁକ୍ତି ଓ ଆର୍ଥିକ ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ସୋମବାର ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ଓଡିଶା ଲୋକାୟୁକ୍ତ ନିର୍ଦ୍ଦେଶାଳୟର ଏକ ୨ଜଣିଆ ଟିମ । ମହାବିଦ୍ୟାଳୟରେ ବେଆଇନ ଭାବରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଷ୍ଟାଫଙ୍କୁ ନିଯୁକ୍ତି ପ୍ରଦାନ ଓ ସେମାନଙ୍କ ମଧ୍ୟରୁ କେତେକ ଷ୍ଟାଫଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳା ଯିବା ଏବଂ ଆର୍ଥିକ ଅନିୟମିତତା ଓ କଲେଜ ଜିମିକିଣା ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ଓଡିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଓ ଅନ୍ୟ ଜଣେ ଅଧିକାରୀ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଥିବା ପଟ୍ଟାମୁଣ୍ଡାଇ +୨ କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି । ଅଭିଯୋଗକାରୀ ପ୍ରତାପ ମହାନ୍ତି ଓ ରାଧାକାନ୍ତ ମହାନ୍ତି ଓଡିଶା ଲୋକାୟୁକ୍ତଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟର ତତକାଳିନ ଅଧ୍ୟକ୍ଷ ବିପିନ ବିହାରୀ ବାରିକ କେତେକ ଅଧ୍ୟାପକ,ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ବେଆଇନ ନିଯୁକ୍ତି ପ୍ରଦାନ କରିବା ସହ ସେମାନଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳାଯାଇଥିବା, କେତେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥାଇ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା, କେତେକଙ୍କୁ ୨ରୁ ୪ଥର ପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରାଯାଇଥିବା, ଆବଶ୍ୟକତା ଠାରୁ ବହୁ ଅଧିକ ସଂଖ୍ୟାରେ ବିଭିନ୍ନ ପଦବୀରେ ବେଆଇନ ଭାବେ ନିଯୁକ୍ତି ପ୍ରଦାନ କରିଥିବା, ନିଯୁକ୍ତିରେ ଜାଲିଆତି କରିବା, ଆର୍ଥିକ ଅନିୟମିତତା କରିଥିବା ଓ ଶ୍ରୀ ବାରିକ ତୁଳସୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ସମୟରେ ବହୁ ଅନୀୟମିତତା ଓ ଅର୍ଥ ତୋଷରପାତରେ ଜଡିତ ଥିବା ସମ୍ପର୍କରେ ୨ଅଭିଯୋଗକାରୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଏଥିସହିତ ତୁଳସୀ ମହିଳା ମହାବିଦ୍ୟାଳୟରୁ ବଦଳି ହୋଇ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ଯିବା ପରେ ତାଙ୍କର ସର୍ଭିସବୁକ ତୁଳସୀ ମହିଳା କଲେଜରୁ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ପଠାଯାଇନଥିଲେ ମଧ୍ୟ ନିଜ ସର୍ଭିସବୁକକୁ ଜାଲିଆତି କରି ବିଭିନ୍ନ ସମୟରେ ଇନକ୍ରୀମେଂଟ ପ୍ରଭୃତି ସରକାରୀ ଅର୍ଥ ତୋଷରପାତ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗ ଗୁଡିକର ତଦନ୍ତ ପୂର୍ବକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ଦ୍ୱୟ ଲୋକାୟୁକ୍ତଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସେହି ଅଭିଯୋଗ ଅନୁଯାଇ ଲୋକାୟୁକ୍ତଙ୍କ କାଯ୍ୟାଳୟରୁ ଆଜି ଏକ ୨ଜଣିଆ ଟିମ କଲେଜରେ ପହଁଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଲୋକାୟୁକ୍ତଙ୍କ ନୋଟିସ ଅନୁଯାଇ ଉଭୟ ଅଭିଯୋଗକାରୀ ତଦନ୍ତ ସମୟରେ କଲେଜରେ ଉପସ୍ଥିତ ଥିଲେ ।



## ଖଡିଆଳ ସହରରେ ଟ୍ରାଫିକ ସମସ୍ୟା ସହ ବାଇପାସ ରାସ୍ତା ନିର୍ମାଣ ଦାବୀ ରେ ୧୨ ଘଂଟିଆ ବନ୍ଦ ପାଳନ

ନୂଆପଡ଼ା, (ପି.ଏନ): ନୂଆପଡା ଜିଲ୍ଲା ଖଡିଆଳ ସହର ରେ ଟ୍ରାଫିକ ସମସ୍ୟା କାରଣ ରୁ ଦୁର୍ଘଟଣା ବୃଦ୍ଧି ହେଉଅଛି । ତେଣୁ ବାଇପାସ ନିର୍ମାଣ ଦାବୀନେଇ ଆଜି ଖଡ଼ିଆଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆଜି ୧୨ ଘଣ୍ଟା ପାଇଁ ବନ୍ଦ ପାଳନ କରାଯାଇଛି, ସକାଳ ୭ ଟା ରୁ ସଂନ୍ଧ୍ୟା ୭ ଟା ଯାଏ ବନ୍ଦ ପାଳିତ । ଅଖ ଚକ ବନ୍ଦ । ଏହି ବନ୍ଦପାଳନରେ ଦୋକାନ ବଜାର ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷା ଅନୁଷ୍ଠାନ ଗୁଡିକ ସ୍ୱତ ପ୍ରବୃତ ଭାବରେ ବନ୍ଦ ରହିଛି । ଆନ୍ଦୋଳନକାରୀ ମାନେ ଖଡିଆଳ ବ୍ଲକ ଛକ, ଥାନା ଛକ, ଅମ୍ବେଦକର ଛକ ରେ ବେନର ଧରି ପିକେଟିଂ କରୁଛନ୍ତି । ଖଡିଆଳ ସହର ନୂଆପଡା ଜିଲ୍ଲା ର ମୁଖ୍ୟ ସହର ହୋଇଥିବା ହେତୁ ବୋଡେନ, ସିନାପାଲି ଓ କୋମନା ବ୍ଲକ ସହ ସିମାନ୍ତ ବଲାଙ୍ଗୀର କଳାହାଣ୍ଡି ସିମାନ୍ତ ର ହଜାର ହଜାର ଲୋକ ଖଡିଆଳ ଉପରେ ନିର୍ଭର କରନ୍ତି । ଦୁର୍ଘଟଣା କାରଣରୁ ଜୀବନ ଏବଂ ଧନ ହାନୀ ଘଟୁଛି । ପରିବାର ମୁଖ୍ୟଙ୍କୁ ହରାଇ ସଂପୂର୍ଣ୍ଣ ପରିବାର ନଷ୍ଟ ଯାଉଅଛି । ତେଣୁ ଟ୍ରାଫିକ ବ୍ୟବସ୍ଥା ସହ ବାଇପାସ ରାସ୍ତା ,ନୋ ଏଣ୍ଟ୍ରି ଯୋନ ର ବ୍ୟବସ୍ଥା ପାଇ ଆନ୍ଦୋଳନକାରୀ ମାନେ ଦାବୀ କରିଛନ୍ତି ।

## ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା ପତାକା ଅଭିଯାନ ପାଇଁ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ

ବଲାଙ୍ଗିର ,(ପି.ଏନ): ବଲାଙ୍ଗୀର ଜିଲ୍ଲା ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା ପତାକା ଅଭିଯାନ ପାଇଁ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଜିଲ୍ଲା ବିଜେପି ସଭାପତି ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଛି । ଆଜି ର ପ୍ରସ୍ତୁତି ବୈଠକ ରେ ଓଡ଼ିଶା ରାଜ୍ୟ ବିଜେପି ଦଳର ବରିଷ୍ଠ ନେତା ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ବିଜେପି ପକ୍ଷରୁ କିପରି ଭାବ ରେ ସମସ୍ତ ମଣ୍ଡଳ ସମସ୍ତ ଶକ୍ତି କେନ୍ଦ୍ର ଓ ବୁଥ ମାନଙ୍କରେ ହର ଘର ତ୍ରିରଙ୍ଗା ପତାକା ଅଭିଯାନକୁ କିପରି ଭାବ ରେ ପାଳନ କରାଯିବ ତା ଉପରେ ଦିଗ ଦର୍ଶନ ପ୍ରଦାନ କରିଥିଲେ ।୧୩ଅଗଷ୍ଟ ଠାରୁ ୧୫ ଅଗଷ୍ଟ ତିନି ଦିନ ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ କରାଯିବ । ଆଜି ର ଏହି କାର୍ଯ୍ୟକ୍ରମ ରେ ପାଟଣାଗଡ଼ ପୂର୍ବତନ ବିଧାୟକ, ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପସ୍ଥିତ ଥିବା ସହ ଅନନ୍ତ ଦଶ, ପ୍ରଭାସ ପାଣିଗ୍ରାହୀ,ଭାରତୀ ମହନନ୍ଦ,ପଙ୍କଜିନୀ ପଣ୍ଡା,ରଞ୍ଜିତା ପାଣିଗ୍ରାହୀ, ବନଶ୍ରୀ ଆଚାର୍ଯ୍ୟ, ଅମିତ ସିଂ ନିନା,ଶ୍ରୀବସ୍ତ ବେହେରା, ଦୀନେଶ ଶର୍ମା, ଅଜୟ ଶର୍ମା, ରାଜକିଶୋର ନାୟକ,ପିତାମ୍ବର ଖମାରୀ, ନବୀନ ଜିନ୍ଦଲ, ଗୌରାଙ୍ଗ ନାୟକ, ନରସିଂ ସିଙ୍ଗ, ବଲକୃଷ୍ଣ ଧରୁଆ, ରଙ୍କ ପଣ୍ଡା,ଅକ୍ଷ ରଣା, ଏବଂ ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ସଂଯୋଜକ ମଧ ଯୋଗ ଦେଇଥିଲେ ।

## ଗଭୀର ଆତ୍ମବିଶ୍ୱାସ ଓ ସକରାତ୍ମକ ମନୋଭାବ ନେଇ କାମ କଲେ ସଫଳତା ମିଳିଥାଏ : ପୂର୍ବତନ ସାଂସଦ

ବଲାଙ୍ଗିର,(ପି.ଏନ): ଆଜି ବଲାଙ୍ଗୀର ସ୍ଥିତ ଜେଏସ୍‌ଏମ୍ କଲେଜ ଅଫ୍ କମର୍ସ ଠାରେ ବରଗଡ଼ର ପୂର୍ବତନ ସାଂସଦ ଡ. ପ୍ରଭାସ ସିଂହ ଯୋଗ ଦେଇ ଛାତ୍ର ରାଜନୀତି ଶୀର୍ଷକ ବିଷୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ ସାଂସଦ ଶ୍ରୀ ସିଂହ ନିଜ ଛାତ୍ର ଜୀବନ ଓ ଏହା ଉପରେ ରାଜନୀତିର ପ୍ରଭାବ ଉପରେ ନିଜର ଅନୁଭୂତି କୁ ବର୍ଣ୍ଣନା କରିଥିଲେ । ରାଜନୀତିରେ ଜାଣତରେ ହେଉ କି ଅଜାଣତରେ ଅନେକ ଶତ୍ରୁ ଓ ଅନେକ ମିତ୍ର ତିଆରି ହୋଇଥାନ୍ତି । ଗଭୀର ଆତ୍ମବିଶ୍ୱାସ ଓ ସକରାତ୍ମକ ମନୋଭାବ ନେଇ କାମ କଲେ ଯେକୌଣସି କ୍ଷେତ୍ରରେ ସଫଳତା ମିଳିଥାଏ ବୋଲି ଶ୍ରୀ ସିଂହ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ସେବା ମନୋଭାବ ନେଇ ଉଚ୍ଚଶିକ୍ଷିତ ମାନେ ରାଜନୀତିକୁ ପ୍ରବେଶ କଲେ ଦେଶ ସବୁ କ୍ଷେତ୍ରରେ ଉନ୍ନତି କରିପାରିବ ବୋଲି ଶ୍ରୀ ସିଂହ କହିଥିଲେ । ଏହି ଅବସରରେ କଲେଜର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପାର୍ଲାମେଣ୍ଟ ଠାରୁ ଆରମ୍ଭ କରି ପଂଚାୟତ ପର୍ଯ୍ୟନ୍ତ ରାଜନୀତି ସଂପର୍କିତ ଅନେକ ପ୍ରଶ୍ନର ଉତ୍ତର ରଖିଥିଲେ ପୂର୍ବତନ ସାଂସଦ ଶ୍ରୀ ସିଂହ । କଲେଜର ପ୍ରତିଷ୍ଠାତା ସିଏ ଶ୍ରୀକାନ୍ତ ଶର୍ମା ଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କେଲଜର ଅଧ୍ୟାପକ ସୁବ୍ରତ ପଟ୍ଟନାୟକ ଓ ଶିକ୍ଷାବିତ ମନୋରଞ୍ଜନ ସାହୁ ମଂଚାସୀନ ରହି ଦେଶର ଭବିଷ୍ୟତ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ । ନିରୋଜ ମିଶ୍ର ସଭାକୁ ସଂଚାଳନ କରିଥିଲେ । କଲେଜର ଛାତ୍ର କ୍ରିସ କେଡିଆ ଓ ଯସ ପାଲ ମଂଚାସୀନ ପୂର୍ବତନ ସାଂସାଦ ଶ୍ରୀ ସିଂହକୁ ରାଜନୀତି ସଂପର୍କିତ କିଛି ପ୍ରଶ୍ନ ପଚାରିଥିଲେ । ଏହି ଆଲୋଚନା ଓ ମତବିନିମୟ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ ।

## ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟର ପିଲାଙ୍କ ଦ୍ୱାରା ବିଭିନ୍ନ ଚାରା ରୋପଣ

ମାଲକାନଗିରି,(ପି.ଏନ): ଖଇରପୁଟ ବ୍ଲକ ର କୁଡୁମୁଲୁଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବନମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରିନ୍ସପାଲ ମହେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ମହୋତ୍ସବ ରେ ଅତିଥି ଭାବେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ ସରପଞ୍ଚ ମଙ୍ଗଳା ମାଢୀ, ସ୍ଥାନୀୟ ସମବାୟ ସମିତି ର ସଭାପତି ଗୋପି ପାଙ୍ଗି ସମାଜସେବୀ ଭଗବାନ ସାହୁଙ୍କ ସହ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ବିଦ୍ୟାଳୟ ପରିସରରେ ପ୍ରାୟ ୧୫୦ ଗୋଟି ଚାରା ରୋପଣ କରିଥିଲେ । ଉକ୍ତ ଚାରା ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଭାବେ ଆମ୍ବ, ପଣସ, ଅଁଳା,ପିସ୍ତା ବାଦାମ,ଚାକୁଣ୍ଡା ପ୍ରଭୃତି ଚାରା ବିଦ୍ୟାଳୟ ର ପାଚେରି କଡେ କଡେ ଲଗାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ବିଶେଷ କରି ଛାତ୍ର ଛାତ୍ରୀ ମାନଙ୍କ ଭିତରେ ଚାରା ଲଗାଇବାରେ ବହୁତ ଉତ୍ସୁକତା ଦେଖିବାକୁ ମିଳିଥିଲା ଓ ସାମୁହିକ ଶପଥ ନେଇଥିଲେ ଯେ ଗଛଟି ସମ୍ପୁର୍ଣ୍ଣ ଭାବେ ବଢିବା ପର୍ଯ୍ୟନ୍ତ ସେମାନେ ଏହାର ବ୍ୟାପକ ଯତ୍ନ ନେବେ । ପ୍ରିନ୍ସପାଲ ଶ୍ରୀ ସାହୁ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟ ର ପାଚେରି ସମ୍ପୁର୍ଣ୍ଣ ନିର୍ମାଣ ହୋଇଥିବାରୁ ଅତିକମରେ ଗାଈ ଗୋରୁ ଛେଳିଙ୍କ ଦାଉରୁ ଗଛ ଗୁଡ଼ିକ ସୁରକ୍ଷିତ ରହିବା ସହ ବିଦ୍ୟାଳୟର ପରିବେଶରେ ସୁନ୍ଦର ପ୍ରାକୃତିକ ଓ ସବୁଜ ବଳୟ ସୃଷ୍ଟି କରିପାରିବ ।

## ସିପିଆଇ ଜୟପୁର ଜୋନ୍ ସମ୍ମିଳନୀ

ଜୟପୁର, (ପି.ଏନ): ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜୟପୁର ଜୋନ୍ ର ସମ୍ମିଳନୀ ସତ୍ୟବ୍ରତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀ ପୂର୍ବରୁ କମ୍ୟୁନିଷ୍ଟ ପାର୍ଟି ର ଝଣ୍ଡା ଯୁଧିଷ୍ଠିର ରାଉଳ ଉତ୍ତୋଳନ କରିଥିଲେ । ସଭାକୁ ସମ୍ବୋଧିତ କରି ସିପିଆଇ ରାଜ୍ୟ ପରିଷଦ ସଭ୍ୟ ଶ୍ରୀ ପ୍ରମୋଦ ମହାନ୍ତି କହିଥିଲେ ଯେ ଅଚ୍ଛେ ଦିନର ମିଥ୍ୟା ଭେଳିକି ଦେଖେଇ ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱରେ ବିଜେପି କେନ୍ଦ୍ର ରେ କ୍ଷମତା ଦଖଲ ପରେ ପ୍ରତ୍ୟେକ କ୍ଷେତ୍ରରେ ଜନସ୍ୱାର୍ଥ ରକ୍ଷା କରିବାରେ ବିଫଳ ହୋଇଛି । ବେକାରୀ ସମସ୍ୟା ବଢିବା ସହ ନିଯୁକ୍ତି ହ୍ରାସ ପାଉଛି, ଦରଦାମ୍ ବୃଦ୍ଧି ଅସହ୍ୟ, ରନ୍ଧନ ଗ୍ୟାସ,ପେଟ୍ରୋଲ, ଡିଜେଲ ଦର ଅତ୍ୟଧିକ ବୃଦ୍ଧି ଦରବୃଦ୍ଧି କୁ ବହୁଗୁଣିତ କରିଛି । ଜନସାଧାରଣ ଙ୍କ ଠାରୁ ବିଭିନ୍ନ ବାଟରେ ଟିକସ ନିଆଯାଉଛି । ସାମ୍ବିଧାନିକ ସଂସ୍ଥା ଗୁଡ଼ିକର ଅପବ୍ୟବହାର କରି ବିରୋଧୀ ଦଳ ମାନଙ୍କ ବିରୁଦ୍ଧରେ ଅସ୍ତ୍ର ରୂପେ ବ୍ୟବହାର କରାଯାଉଛି । ଓଡ଼ିଶାର ଯୁବକ ଦାଦନ ଖଟିବାକୁ ଯାଉଥିବା ବେଳେ ଆଜି ବି ସ୍ୱଚ୍ଛ ପିଇବା ପାଣି ମିଳୁନାହିଁ ଯେଉଁଥିପାଇଁକି ହଇଜାରେ ଲୋକ ମରୁଛନ୍ତି । ଜନସାଧାରଣ ଙ୍କ ସମସ୍ୟା ନେଇ ଗଣ ଆନ୍ଦୋଳନ କୁ ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସହ ସମ୍ପାଦକ ଶ୍ରୀ ରାମକୃଷ୍ଣ ଦାସ ସାଂଗଠନିକ କମିଟି ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ ।ସଭାରେ ଜୟପୁର ଜୋନ୍ ପାଇଁ ଏକ ସାତଜଣିଆ କମିଟି ସର୍ବଶ୍ରୀ ସତ୍ୟବ୍ରତ ନନ୍ଦ,ନନ୍ଦ ହରିଜନ,ସନ୍ୟାସୀ ମାଳୀ,କେଶବ ନାଗ,ମାଧବ ନାୟକ,ସୀମାଞ୍ଚଳ ନାୟକ, ନିତ୍ୟାନନ୍ଦ ପାତ୍ର, ପ୍ରମୁଖ ଙ୍କୁ ନେଇ ଗଠନ କରାଯାଇଛି । ଶ୍ରୀ ସତ୍ୟବ୍ରତ ନନ୍ଦ ସମ୍ପାଦକ ଓ ସନ୍ୟାସୀ ମାଳୀ ସହ ସମ୍ପାଦକ ଭାବେ ସଂଗଠନ ଦାୟିତ୍ୱ ବହନ କରିଛନ୍ତି ।

# ମୋ ଓଡ଼ିଶା

## ଫସ୍‌ଫରିକ୍ ଏସିଡ୍ ଉତ୍ପାଦନରେ ପାରାଦୀପ ଇଫକୋ ୟୁନିଟ୍‌ର ରେକର୍ଡ

ପାରାଦୀପ (ପିଏନ୍)- ଚଳିତ ୨୦୨୧-୨୨ ବର୍ଷ ପାଇଁ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କ୍ଷେତ୍ରରେ ପାରାଦୀପ ଇଫକୋ ପାରାଦୀପ ୟୁନିଟ୍ ରେକର୍ଡ ସୃଷ୍ଟି କରିଛି । ପ୍ରତିଦିନ ୨୬୫୦ ଟନ୍ ଫସଫେଟ୍ ପାରାଦୀପ ଇଫକୋ ୟୁନିଟ୍ ରେ ଉତ୍ପାଦନ ହେଉଥିବା ନେଇ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସୂଚନା ମିଳିଛି । ସମଗ୍ର ବିଶ୍ୱରେ ଗୋଟିଏ ୟୁନିଟ୍ ରେ ରେକର୍ଡ ସଂଖ୍ୟକ ୮୦୫,୦୦୦ ଟନ୍ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କରି ଇଫକୋ ପାରାଦୀପ ୟୁନିଟ୍ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଏହା ଦ୍ୱାରା ଡିଏପି,ଏନ୍.ପି.ଏସ୍. ଉତ୍ପାଦନ କ୍ଷେତ୍ରରେ ସହାୟକ ହେବ । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ମାର୍ଗଦର୍ଶନ ଆଧାରରେ ଇଫକୋ ନିଜକୁ ସ୍ୱାବଲମ୍ବନ କରିପାରିଛି । ଏହି ସଫଳତା ହାସଲ ମହାମାରୀ କୋଭିଡ୍-୧୯ ସମୟରେ ସମଗ୍ର ଦେଶରେ ସାରର ଆବଶ୍ୟକତାକୁ ଉପଲବ୍ଧି କରି ଇଫକୋ ସାର ଉତ୍ପାଦନକୁ ଗୁରୁତ୍ୱ ଦେଇଥିଲା । ସମ୍ପ୍ରତି ଚଳିତ ମାର୍ଚ୍ଚ ମାସରେ ଦିଲ୍ଲୀର ବିଜ୍ଞାନ ଭବନରେ ଇଫକୋ ପାରାଦୀପ ୟୁନିଟ୍ କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପାରାଦୀପ ଇଫକୋ ୟୁନିଟ୍ କୁ ଅନେକ ପୁରସ୍କାର ହାସଲ କରିପାରିଛି ।। ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଇଫକୋକୁ ଅନେକ ସମ୍ମାନ ପ୍ରଦାନ କରାଯାଇଛି ।

## ପାରାଦୀପ ବାର୍ ଆସୋସିଏସନ୍ ନିର୍ବାଚନ- ସମସ୍ତ ପ୍ରାର୍ଥୀ ନିର୍ଦ୍ୱନ୍ଦରେ ନିର୍ବାଚିତ

ପାରାଦୀପ- ପାରାଦୀପ ବାର୍ ଆସୋସିଏସନ୍‌ର ସମସ୍ତ ପଦବୀ ପାଇଁ ପ୍ରାର୍ଥୀମାନେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନେଇ ନିର୍ବାଚନ ଅଧିକାରୀ ଗୋରାଚାନ୍ଦ ସିଂ ସୂଚନା ଦେଇଛନ୍ତି । ସଭାପତି ଭାବେ ହେମନ୍ତ କୁମାର ସାହୁ, ଉପସଭାପତି(ପ୍ରଶାସନ) କୈଳାସ ଚନ୍ଦ୍ର ସାହୁ, ଉପସଭାପତି (ସଙ୍ଗଠନ) ବସନ୍ତ କୁମାର ବିଶ୍ୱାଳ,ସାଧାରଣ ସମ୍ପାଦକ-ତପନ କୁମାର ଦାଶ, ସମ୍ପାଦକ(ପ୍ରଶାସନ) ଗୋଲକ ବିହାରୀ ସୂତାର, ସମ୍ପାଦକ(ସଙ୍ଗଠନ)-ରବିନ୍ଦ୍ର କୁମାର ଜେନା, ସମ୍ପାଦକ(ଲାଇବ୍ରେରୀ)-ପ୍ରଶାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଗୋପିନାଥ ମଲ୍ଲ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ସୁଜିତ କୁମାର ମହାନ୍ତି, ପ୍ରମୋଦ କୁମାର ମିଶ୍ର, ସଂଜୟ କୁମାର ମିଶ୍ର, ସରୋଜ କୁମାର ନାଥ, ହେମନ୍ତ କୁମାର ପରିଡା ଓ ରବି ନାରାୟଣ ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ବିଜୟୀ ସଦସ୍ୟମାନଙ୍କୁ ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି ।

## ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷରେ ଉତ୍କଳ ଦିବସ ପାଳନ

ଯାଜପୁର (ପିଏନ୍): ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷ ପରିସରେ ସଭାପତି କହ୍ନାଇ ଚରଣ ମହନ୍ତିଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମ ଆରମ୍ଭରେ ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଷ୍ପକାନ୍ତ ମଲ୍ଲିକ, ସରତ ଚନ୍ଦ୍ର ମହାରଣା, ଧନଞ୍ଜୟ କେଶରୀ ରାଉତରା, ଜଗନ୍ନାଥ ଧଳ, ବିରଜା ସ୍ୱାଇଁ, ଗଦାଧର ରାଉତରା, ନବକିଶୋର ଦାସ ଉତ୍କଳ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶ ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ବିହାରୀ, କରୁଣାକର ନାୟକ, ସୁପ୍ରଭା ନାୟକ, ଅଜୟ କୁମାର ଦାସ, ବୃନ୍ଦାବନ ମିଶ୍ର, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ପାଣ୍ଡବ ଚରଣ ସାହୁ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍.ଏନ୍.ସି.ୟୁରେ ତା୦୮.୦୪.୨୦୨୨ରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମତେ ମୟୁରଭ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି ଏବଂ ଏସ୍‌ଏନ୍‌ସିୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।

## ସୁନାହାର ଫେରାଇଲେ ସ୍ୱେଚ୍ଛାସେବୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତରେ ଚାଲିଥିବା ବାରୁଣୀ ମେଳାରେ ବୁଡ ପକାଇବାକୁ ଆସିଥିବା ଜଣେ ମହିଳାଙ୍କ ହଜିଯାଇଥିବା ସୁନାହାର ଫେରାଇ ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କୁ ପୋଲିସ ପ୍ରଶାସନ ଓ ଜନସାଧାରଣ ବେଶ ପ୍ରସଂଶା କରିବା ସହ ସାଧୁବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ ଇନ୍ଦୁପୁରକୁ ବାରୁଣୀ ବୁଡ଼ ପକାଇବାକୁ ଭଦ୍ରକ ଧାମନଗରୁ ସନ୍ଧ୍ୟାରାଣୀ ନାୟକ ନାମକ ଜଣେ ମହିଳା ଆସିଥିଲେ। ସନ୍ଧ୍ୟାରାଣୀଙ୍କ ବାପଘର ନିକିରାଇରେ ହୋଇଥିବା ବେଳେ ତାଙ୍କ ଶାଶୁଘର ଭଦ୍ରକରେ। ବାରୁଣୀ ବୁଡ଼ ପାଇଁ ସେ ବାପ ଘରକୁ ଆସିଥିଲେ। ସେ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇବା ବେଳେ ତାଙ୍କ ସୁନାହାର କେଉଁଆଡେ ହଜି ଯାଇଥିବା ସେ ଜାଣିବାକୁ ପାଇଥିଲେ। ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ମେଳାରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ଏକ ସୁନାହାର ପାଇଥିଲେ। ଏହାକୁ ନେଇ ସେ ସ୍ଥାନୀୟ ପୋଲିସକୁ ଦେଇଥିଲେ। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହେରାଙ୍କ ଉପସ୍ଥିତିରେ ସୁନାହାର ହଜିଥିବା ମହିଳା ତାଙ୍କ ସୁନାହାର ଫେରି ପାଇଥିଲେ। ଏ ନେଇ ଏସ୍‌ଡିପିଓ ଗୌତମଙ୍କୁ ବେଶ ପ୍ରସଂଶା କରିଥିଲେ। ଗୌତମଙ୍କ ଏହି କାର୍ଯ୍ୟକୁ ସମାଜିକ ଗଣମାଧ୍ୟମରେ ବେଶ ପ୍ରସଂଶା କରାଯାଇଛି।

## ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ପୂର୍ଣ୍ଣାହୂତି ଓ ପ୍ରବଚନ

ଯାଜପୁର (ପିଏନ୍): ଯାଜପୁରର ରାମବାଗ ଛକସ୍ଥିତ ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ଦୀର୍ଘ ୫ଦିନ ଧରି ଚାଲିଥିବା ଯଜ୍ଞର ପୂର୍ଣ୍ଣାହୂତି ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ଶ୍ରଦ୍ଧାଳୁମାନେ ନାରିକେଳ ଓ ଘୃତ ଯଜ୍ଞକୁଣ୍ଡରେ ପ୍ରଦାନ କରିଥିଲେ। ଆଶ୍ରମର ମଠାଧିଶ ଗୟାବାବା ସମସ୍ତ ଭକ୍ତମାନଙ୍କର ମନୋସ୍କାମନା ପୂର୍ଣ୍ଣ କରିବା ନିମନ୍ତେ ଯଜ୍ଞକୁଣ୍ଡରେ ସହସ୍ରାଧିକ ଆହୂତ ମନ୍ତ୍ରଉଚ୍ଚାରଣ ପୂର୍ବକ ଦାନ କରିଛନ୍ତି। ଅନନ୍ତ ବାସୁଦେବଙ୍କର ବଡ଼ସିଂହାର ବେଶ ଓ ଘୋଡଣ ଉପରର ପୂଜା, ଭଜନ କୀର୍ତ୍ତନ, ଆଳତୀ ସହ ଶହ ଶହ ଭକ୍ତମାନଙ୍କ ଗହଣରେ ଯଜ୍ଞକର୍ମ ଶେଷ କରାଯାଇଛି। ଏହି ଅବସରରେ ପଣ୍ଡିତ ହୃଷୀକେଶ ପତିଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରବଚନରେ ବିଶିଷ୍ଟ ମାଳିକାକାର ଡା. କାହ୍ନୁ ଚରଣ ମିଶ୍ର ଯୋଗଦେଇ ମାଳିକାରେ ବର୍ଣ୍ଣିତ କଳିଯୁଗର ଶେଷ ପ୍ରାନ୍ତରେ ପୃଥିବୀରେ ଯୁଦ୍ଧର ଘନଘଟା, ପରସ୍ପର ମଧ୍ୟରେ ବିଦ୍ୱେଷ, ନାନାଦି ରୋଗରେ ପୃଥିବୀର ସମସ୍ତ ରାଷ୍ଟ୍ରର ଅଧିବାସୀମାନେ ପ୍ରପୀଡ଼ିତ ହେବା ସହ ସତ୍ୟଯୁଗର ଆଗମନରେ ଅନନ୍ତ ବାସୁଦେବଙ୍କର ଶରଣ ନିମନ୍ତେ ପ୍ରାର୍ଥନା କରିବାକୁ ପ୍ରବଚନ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ପ୍ରବଚକ ଅଧିକାରୀ ନବକିଶୋର ଦାସ ବିରଜାକ୍ଷେତ୍ରର ମହିମା ଓ ତାତ୍ପର୍ଯ୍ୟ, ସୁଧର୍ମା ସଭା ଓ ମୁନିଋଷିମାନଙ୍କର ଯାଜପୁର କ୍ଷେତ୍ରକୁ ଆଗମନ ତଥା ଜଗନ୍ନାଥ ସଂସ୍କୃତି ସହ ବିରଜାକ୍ଷେତ୍ର ସଂସ୍କୃତିର ସମନ୍ୱୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ବୈତରଣୀ ନଦୀ ସିଦ୍ଧେଶ୍ୱର ଘାଟ ଠାରୁ ଆଶ୍ରମର ଯଜ୍ଞସ୍ଥଳୀ ପର୍ଯ୍ୟନ୍ତ ୧୦୮ ପୂର୍ଣ୍ଣ କୁମ୍ଭ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅବ୍ୟକ୍ତ ବ୍ରହ୍ମ ଆଶ୍ରମର ସମସ୍ତ ଶ୍ରଦ୍ଧାଳୁ ଏଥିରେ ଅଂଶ ଗ୍ରହଣ କରିଥିଲେ। ସର୍ବଶ୍ରୀ ନିରାକାର ସାହୁ, ମନୀଷା ସାହୁ, ସୁଶାନ୍ତ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଣ୍ଡିତ ଲମ୍ବୋଧର ପାଢ଼ୀ, ମୁଖ୍ୟ ପୁରୋଧା ଭାବେ ଯଜ୍ଞକାର୍ଯ୍ୟ ଓ ପୂର୍ଣ୍ଣାହୂତ ସମାପନ କରିଥିଲେ।

## ପୋଷଣ ଅଭିଯାନ ୨୦୨୨ର ସଚେତନତା ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)- ଭାରତ ସରକାର ଆରମ୍ଭ କରିଥିବା ପୋଷଣ ଅଭିଯାନ ୨୦୨୨ର ସଚେତନତା ବାର୍ତା ବାଂଟିବା ଏବଂ ନିଶୁଳ୍କ ଆୟୁଷ ସ୍ୱାସ୍ଥ୍ୟ ଶିବିର ଖୋରଧା ବ୍ଲକ୍ କୁରାଢମଲ୍ଲ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା ହୋମିଓପ୍ୟାଥି ଏବଂ ଆର୍ଯ୍ୟୁବେଦ ଚିକିତ୍ସା ଅଧିକାରୀ ପୂର୍ବାଚଂଳ ମଣ୍ଡଳ ଭୁବନେଶ୍ୱର ତରଫରୁ ଆୟୋଜିତ ଏବଂ ଜାତୀୟ ଆୟୁଷ ମିଶନ ଭାରତ ସରକାର ଏବଂ ଆୟୁଷ ନିର୍ଦ୍ଦେଶାଳୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କୁରାଢମଲ୍ଲ ଗ୍ରାମପଂଚାୟତର ସରପଂଚ ଶ୍ରୀରାମ ପ୍ରସାଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ହୋମିଓପ୍ୟାଥି ଚିକିତ୍ସାଧିକାରୀଣି ଡ଼ାକ୍ତର ବନଶ୍ରୀ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ହେମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ସୁମନା କୁମାରୀ ପଣ୍ଡା ଏବଂ ଜିଲ୍ଲା ମୁଖ୍ୟ ଆର୍ଯ୍ୟୁବେଦ ଚିକିତ୍ସାଧିକାରୀ ଡ଼ାକ୍ତର ରେଣୁପ୍ରଭା ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ଗର୍ଭବତୀ ମହିଳା ସ୍ତନ୍ୟପାନ କରାଉଥିବା ମା', କିଶୋରୀ ବାଳିକା ଏବଂ ଶିଶୁ ମାନଙ୍କର ରକ୍ତହୀନତାର ପ୍ରତିରୋଧ ଏବଂ ଚିକିତ୍ସା ନିମନ୍ତେ ଆୟୁଷ ତଥା ହେମିଓପ୍ୟାଥି ଆର୍ଯ୍ୟୁବେଦର ଭୂମିକା ଶିର୍ଷକ ଆଲୋଚନା କରି ରୋଗୀମାନଙ୍କୁ ତଥା ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା ବାର୍ତା ବାଂଟିଥିଲେ। ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ରାଜ୍ୟର ସୁନାମ ଧନ୍ୟ ହୋମିଓପ୍ୟାଥି ଡ଼ାକ୍ତର ଆଭାମୟୀ ନାୟକ ଡ଼ାକ୍ତର ଅରୁଣ କୁମାର ମଲ୍ଲିକ, ଡ଼ାକ୍ତର ଚିନ୍ମୟୀ ସାହୁ ଓ ସ୍ଥାନୀୟ କୁରାଢ ମଲ୍ଲର ହୋମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ନିବେଦିତା ମିଶ୍ର, ଆର୍ଯ୍ୟୁବେଦର ଡ଼ାକ୍ତର ସୁବ୍ରତ ଛୋଟରାୟ, ଡ଼ାକ୍ତର ସୁଶାନ୍ତ ବିଶୋୟି, ଡ଼ାକ୍ତର ଧନେଶ୍ୱର ସାହୁ ପ୍ରମୁଖଙ୍କ ଦ୍ୱାରା ରୋଗୀମାନଙ୍କୁ ପରୀକ୍ଷା କରାଯାଇ ଆର୍ଯ୍ୟୁବେଦୀ ଓ ହୋମିଓପ୍ୟାଥି ଔଷଧ ମାଗଣାରେ ବଂଟନ କରାଯାଇଥିଲା। ସ୍ଥାନୀୟ ସମାଜ ସେବୀ ପ୍ରକାଶ ଚନ୍ଦ୍ର ପରିଡ଼ା ଶ୍ରୀରଂଜନ ମଙ୍ଗରାଜ, ଗଣେଶ୍ୱର ପରିଡ଼ା, କୈଳାସ ଚନ୍ଦ୍ର ସାମନ୍ତରାୟ, ଦୀପକ ବଳିଆରସିଂହଙ୍କ ସଯୋଗ ଏବଂ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଦିନିକିଆ ଶିବିରରେ ହୋମିଓପ୍ୟାଥି ସହକାରୀ ପ୍ରଭଞ୍ଜନୀ ପାତ୍ର, ରଶ୍ମିତା ସ୍ୱାଇଁ କେଳୁଚରଣ ମାପିସ୍ଥ ଏବଂ ଆର୍ଯ୍ୟୁବେଦ ସହକାରୀ ଶୁଭଶ୍ରୀ ପ୍ରିୟଦର୍ଶନୀ ଓ ହିମାଙ୍ଗୀନି ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ କୁରାଢମଲ୍ଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ରାଉତ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ବିଦ୍ୟାଳୟ ତରଫରୁ ସମସ୍ତ ସହଯୋଗ ଯୋଗାଇଥିଲେ।

## ଆଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟି ପକ୍ଷରୁ ଡାକ୍ତର ଅର୍ଚ୍ଚନାଙ୍କ ଦୁଃଖଦ ମୃତ୍ୟୁ ପାଇଁ ପ୍ରତିବାଦ




କଟକ (ପିଏନ୍): କେବଳ ଓଡ଼ିଶାରେ ନୁହେଁ ସର୍ବଭାରତୀୟ ସ୍ତରରେ ଲୋକମାନଙ୍କ ପାଇଁ ଯେତିକ ଡାକ୍ତର ରହିବା କଥା ସେତିକ ସମ୍ଭବ ହୋଇପାରୁନାହିଁ ଏବଂ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ବାଧ ହୋଇ ସେମାନେ ଅନ୍ୟତ୍ର ଚାଲିଯାଉଛନ୍ତି । ରାଜସ୍ଥାନର ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ମୃତ୍ୟୁ ଘଟଣାରେ ଦୃଢ଼ ପ୍ରତିବାଦ କରିଛନ୍ତି ଡାକ୍ତର ଛାତ୍ରଛାତ୍ରୀମାନେ। ଡାକ୍ତରଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନା ବନ୍ଦ ହେଉବୋଲି ଦାବି କରିବା ସହିତ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପରିସରରେ ଆଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ମିଳିତ ଆୟୋଜନରେ ସଭାପତି ଡାକ୍ତର ରଜତ ରାୟ, ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ସର୍ବଭାରତୀୟ ସଭାପତି ଡାକ୍ତର ଏନ୍. ରାଜୁ, ସାଧାରଣ ସମ୍ପାଦକ ଡାକ୍ତର ଅରବିନ୍ଦ ବ୍ରହ୍ମା, ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଭେଷଜ ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ଜୟନ୍ତ କୁମାର ପଣ୍ଡା, ସମ୍ପାଦକ ଡାକ୍ତର ବ୍ରଜ କିଶୋର ଦାଶ, ସାଧାରଣ ସମ୍ପାଦକ ତଥା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କର, କୋଷାଧ୍ୟକ୍ଷ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ସଭ୍ୟ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଡାକ୍ତର ଜନ୍ମଜେୟ ମହାପାତ୍ର, ଡାକ୍ତର ଦେବ ପ୍ରସାଦ ମହାନ୍ତି ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମ୍ରାଟ କର ସମର୍ଥନ ଓ ସହଯୋଗ ଦେବା ସହ ଦୁଃଖ ପ୍ରକାଶ କରିଥିଲେ ଓ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବୀ କରିଛନ୍ତି।

## ଦାୟିତ୍ୱ ଗ୍ରହଣ କଲେ ବ୍ଲକ ଉପାଧକ୍ଷ ପ୍ରତାପ ମହାପାତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକର ନବନିର୍ବାଚିତ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ବିଭିନ୍ନ ପଞ୍ଚାୟତର ଉନ୍ନତି ପାଇଁ ବ୍ଲକ ଅଧ୍ୟକ୍ଷଙ୍କ ସହ ମିଶି କାମ କରିବି। ବର୍ତ୍ତମାନ ଗ୍ରୀଷ୍ମ ପ୍ରକୋପ ବଢି ଚାଲିଛି। ତେଣୁ ଯେଉଁ ପଞ୍ଚାୟତରେ ପାନୀୟ ଜଳର ଅଭାବ ଥିବ ସେହି ପଞ୍ଚାୟତଗୁଡ଼ିକରେ ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ପଞ୍ଚାୟତ ଗୁଡିକରେ ଥିବା ରାସ୍ତା ସମସ୍ୟା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟାର ସମାଧାନ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ଏଥିସହ ପଞ୍ଚାୟତଗୁଡ଼ିକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ। ଶ୍ରୀ ମହାପାତ୍ରଙ୍କୁ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, କୁତରଙ୍ଗ ପଞ୍ଚାୟତର ଯୁବନେତା ନରୋତ୍ତମ ମଲ୍ଲିକ, ଜିଲ୍ଲା ଏସ୍‌ସି ସେଲ ସମ୍ପାଦକ ମାନସ ସେଠୀ ଓ ବିଡିଓ ବନ୍ଦନା ଖଟୁଆ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

## ସାପ କାମୁଡାରେ ବାଳିକାର ମୃତ୍ୟୁ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଦ୍ୱାରିକାପଶି ଗାଁ ଦୀନବନ୍ଧୁ ସେଠୀଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ ସେଠୀର ସାପ କାମୁଡାରେ ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଜ୍ୟୋତ୍ସ୍ନାରାଣୀ ସେଠୀ(୧୨) ଘର ଅଗଣାରେ ପରିବାରର ୪ଜଣ ସଦସ୍ୟଙ୍କ ସହ ଶୋଇଥିବା ସମୟରେ ରାତି ପ୍ରାୟ ୨ଟା ବେଳେ ଏକ ବିଷାକ୍ତ ଚିତି ସାପ କାମୁଡି ଦେଇଥିଲା। ଏକଥା ଜଣାପଡିବା ପରେ ତାଙ୍କୁ ସଂଗେ ସଂଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ବାଳିକା ଶବ ବ୍ୟବଚ୍ଛେଦରେ ବିଳମ୍ବ ହେବାରୁ କିଛି ସମୟ ପାଇଁ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଘଟଗାଁ ପୋଲିସ ମୃତ ବାଳିକାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ମାଳ ମାଳ ଇଟାଭାଟି, ପ୍ରଶାସନର ନିଘା ନାହିଁ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ମାଳ ମାଳ ବେଆଇନ ଇଟାଭାଟି । ପ୍ରଶାସନର ଏଥିପ୍ରତି ନିଘାନାହିଁ । ଯିଏ ଯେଉଁଠି ପାରିଲା ମନଇଚ୍ଛା ଇଟାଭାଟି କରୁଛି । ଅସାଧୁ କର୍ମଚାରୀଙ୍କ ମୁନାଫାଖୋର ମନୋଭାବ ପାଇଁ ଗ୍ରାମାଞ୍ଚଳରେ ଇଟା ବ୍ୟବସାୟ ଏବେ କୁଟୀର ଶିଳ୍ପ ପାଲଟି ଯାଇଥିବା ଅଭିଯୋଗ ହୋଇଛି । ପ୍ରଶାସନର ଅନୁମତିକ୍ରମେ ଜନବସତି ଠାରୁ ଏକ କିମି ଦୂରରେ ଏବଂ ଶୀତଦିନେ ଇଟାଭାଟି ହେବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସମସ୍ତ ନୀତି ନିୟମକୁ ଦଳିମକଚି ଗାଁ ମଝିରେ କିମ୍ୱା ଜନବସତିର ଅତି ନିକଟରେ ଇଟାଭାଟି କରୁଛନ୍ତି । ଏପରିକି କିଛି ବ୍ୟକ୍ତି ନିଜ ଘରବାଡି ନିକଟରେ ଇଟାଭାଟି କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏବେ ଠାରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଯାଇଥିବା ବେଳେ ତାପମାତ୍ରା ୪୦ଡିଗ୍ରି ଛୁଇଁଲାଣି । ଖରା ଗରମ ଅସହ୍ୟ ହେଉଥିବା ବେଳେ ଦିନରାତି ଇଟାଭାଟି ଜଳୁଥିବାରୁ ଏହା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଅଧିକ କଷ୍ଟଦାୟକ ହୋଇଛି । କେତେକ ପ୍ରଶାସନକୁ ଚକ୍‌ମା ଦେଖାଇ ବିନା ଅନୁମତିରେ ଭାଟି ଲଗାଇଥିବା ବେଳେ ଆଉ କିଛି ବେପାରୀ ନିଜ ଘର ପାଇଁ ଇଟା ତିଆରି କରିବେ ବୋଲି ତହସିଲରୁ ସାମୟିକ ଅନୁମତି ଆଣି ବେଧଡକ ଭାବେ ଇଟା ବେପାର କରୁଛନ୍ତି । ତେବେ ଇଟା ତିଆରି ପାଇଁ ରାଜସ୍ୱ ପୈଠ କରିବା ପରେ ନିୟମାନୁସାରେ ନିଜସ୍ୱ ଜମିରୁ ଚୁକ୍ତି ମୁତାବକ ଆବଶ୍ୟକ ପରିମାଣର ମାଟି ବ୍ୟବହାର କରାଯିବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସର୍ବସାଧାରଣ ବ୍ୟବହାର କରୁଥିବା ସରକାରୀ ଜମିରୁ ମନଇଚ୍ଛା ମାଟି ଖନନ କରି ସମତଳ ଜମିକୁ ପୋଖରୀ, ଗଡିଆ କରି ଦେଉଛନ୍ତି । ସେହିପରି ନିକଟସ୍ଥ ନଦୀନାଳରୁ ବାଲି ଚୋରାରେ ଆଣି ବ୍ୟବହାର କରୁଛନ୍ତି । ଏଥିରେ ରାଜ୍ୟ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱହାନୀ ହେଉଥିବା ବେଳେ ଇଟା ବେପାରୀ ମାଲାମାଲ୍ ହେଉଛନ୍ତି । ଅନେକ ସମୟରେ ଏସବୁ ସ୍ଥାନରେ ଛୋଟବଡ ଅଘଟଣ ମଧ୍ୟ ଘଟୁଛି । ଗୋରୁଗାଈ ଖାଲରେ ପଡି ମୃତାହତ ହେଉଛନ୍ତି । ଏପରିକି ମାଫିଆମାନେ ଗୋଚର, ଶ୍ମଶାନ ଓ ଦେବୋତର ଜମିକୁ ଜବରଦଖଲ କରି ମାଟି ଉଠାଉଛନ୍ତି । ବର୍ଷା ଋତୁକୁ ଛାଡି ଦେଲେ ଅବଶିଷ୍ଟ ୮ମାସ ଇଟାଭାଟି କରାଯାଉଛି । ବିଶେଷ କରି ଏହି ବେଆଇନ ବେପାର ସ୍ଥାନୀୟ ଅଭୟପୁର, ମଙ୍ଗରାଜପୁର, ବମ୍ଫୁ, ରତନପୁର, ନୀଳାଦେଈପୁର, ଡେରାବର, ପାଟପୁର, ପଲାର ମୌଜା ସମେତ ବିଭିନ୍ନ ଗାଁ ଗହଳିରେ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏ ସଂପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଉଥିଲେ ମଧ୍ୟ ଏହି ବେଆଇନ ବେପାରକୁ ରୋକା ଯିବା ସମ୍ଭବ ହେଉନାହିଁ । ନିକଟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ମଙ୍ଗରାଜପୁର ଗ୍ରାମର ଏକ ଇଟା ଭାଟିରେ ଚଢ଼ଉ କରିଥିଲେ ହେଁ, ଏହା ଇଟା ବେପାରୀଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ । ଏଥିପ୍ରତି ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅବହେଳିତ ବଳରାମପୁରର ପୁରାତନ ଜଗନ୍ନାଥ ମନ୍ଦିର

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ପ୍ରାଚୀନ ଓଡିଶାରେ କଳା ଓ ସଂସ୍କୃତି ଏକ ବଡ କେନ୍ଦ୍ରଥିଲା । ଏହି ଜିଲା ପୁରାତନ ସମୃଦ୍ଧ ଓଡିଶାର ଏକ ପ୍ରାଚୀନ ସହର ଓ ରାଜଧାନୀ ରୂପେ ପରିଗଣିତ ଥିଲା । ଏହା ରାଜ୍ୟର ଏକ ତନ୍ତ୍ର ବିଦ୍ୟା ନଗରଭାବେ ଜଣାଯାଏ ।ସମୃଦ୍ଧ ଏବଂ ବିଭିନ୍ନ କଳାର ଗନ୍ତା ଘର ଏହି ଯାଜପୁର ଜିଲା ସଂସ୍କୃତିର ଏକ ପେଣ୍ଠସ୍ଥଳ । ଜିଲାରେ ବସ୍ତୁକଳା,ଚିତ୍ରକଳା,ମୂର୍ତି କଳା ଓ ହସ୍ତଶିଳ୍ପର ବହୁଳ ପ୍ରଚାର ହୋଇଥାଏ । ଅନେକ ସାମାଜିକ ଓ ଧାର୍ମୀକ ସଂସ୍କୃତିକ ପର୍ବ ପର୍ବାଣୀର ପାଳନ ସହର ଓ ଜିଲାର ସାଧାରଣ ବିଶେଷତ୍ୱ । ଯାହାକୁ ନେଇ ଗଢି ଉଠିଥିଲା ଅନେକ ମନ୍ଦିର ।ଯାଜପୁର ଜିଲାର କୋଣ ଅନୁକୋଣରେ ରହିଛି ପ୍ରାଚିନ ସଂସ୍କତିର ଛାପ । ଐତିହ୍ୟମଣ୍ଡିତ କୀର୍ତିସ୍ଥଳ ଉପରେ ପର୍ଯ୍ୟଟନ କ୍ଷେତ୍ର ଶୋଭିତ । ପ୍ରାଚୀନ ଉତ୍କଳର ରାଜଥାନୀ ଥିଲା ଯାଜପୁରର ଗଳିକନ୍ଦିରେ ପୌରାଣିକ ଓ ଐତିହାସିକ କିର୍ତୀରାଜିର ବିଦ୍ୟାମାନ । ଜିଲାରେ ରହିଛି ଅନେକ ଜଗନ୍ନାଥ ମନ୍ଦିର । ତେବେ ଅନେକ ପୁରତାନ ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ପଡି ରହିଛି । ଯାହାକି ଜଗନ୍ନାଥ ପ୍ରେମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।ଯାଜପୁର ଜିଲା ଧର୍ମଶାଳା ତହସିଲ ତାଳଜଙ୍ଗ ପଂଚାୟତସ୍ଥ ବଳରାମପୁର ଗଡ । ଏହି ବଳରାମପୁର ଗଡ ବହୁ ଐତିହ୍ୟ ବହନ କରୁଥିବା ପ୍ରାଚୀନ ଜଗନ୍ନାଥ ମନ୍ଦିର ସହ ଭାଙ୍ଗିରୁଜି ଯାଇଥିବା ରାଜପ୍ରସାଦ ଓ ପ୍ରାକୃତିକ ସବୁଜିମା ଭରା ସୁନ୍ଦୁର ପରିବେଶକୁ ଆହୁରୀ ସୁନ୍ଦର କରି ଏକ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବା ପାଇଁ ଚାଲିଛି ଅଭିଯାନ । ସୁଦୂର ଭୁବନେଶ୍ୱରରୁ ୧୬ ନଂ ଜାତୀୟ ଦେଇ ୬୦ କିଲୋମିଟର ଅତିକ୍ରମ କଲେ ପଡିବ ଚଣ୍ଡିଖୋଲ ଛକ । ଏବଂ ଦୈତାରୀ-ପାରାଦୀପ ୫୩ ନଂ ଜାତୀୟ ରାଜପଥ କବାଟବନ୍ଧ ସେତୁ ଅତିକ୍ରମ କରିବାର ଡାହାଣ ପାର୍ଶ୍ୱରେ ରହିଛି ବଳରାମପୁର ଗଡ । ଏହା ପାହାଡ ଉପରେ ଅବସ୍ଥିତ । ପାହାଡ ପାଦ ଦେଶରୁ ଗାଡି ଏବଂ ଚାଲି ଚାଲି ଯିବାକୁ ପଡେ । ଏହି ପାହାଡ ଉପରେ ରହିଛି ଏକ ପୁରାତନ ଜଗନ୍ନାଥ ମନ୍ଦିର ।ପାହାଡ ଉପରେ ଜିଲାର ପ୍ରାୟ ସ୍ଥାନକୁ ଦେଖିବା ସମ୍ଭବ ହୋଇଥାଏ । ଏହାର ମନୋରମ ଦଅଶ୍ୟ ସମସ୍ତଙ୍କୁ ଚକିତ କରିବ । ଏଠାରୁ ସୂଦୁର କଳିଙ୍ଗ ନଗର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିବ । ରାଜସ୍ଥାନର ଯଦୁପୁର ବଂଶର ଅଂଶ । ଦେଢ ହଜାର ବର୍ଷ ପୂର୍ବେ ଅର୍ଥାତ ୫୫୩ ଖୀଷ୍ଟାବ୍ଦରେ ସେମାନେ ଏଠାକୁ ଆସିଥିଲେ । ଯାହାକି ଆରମ୍ଭ ହୋଇଥିଲା ସଂସ୍କୃତିର ନିର୍ମାଣ । ଏବଂ ଆଠଗଡର ରାଜାଙ୍କ ଉଭଣୀ ଆଠଗଠ ରାଣୀ ରାଧାପ୍ରୀୟା ପାଟଦେଇପୁରଙ୍କ ଦ୍ୱାରା ଏବଂ ଆଠଗଡର ରାଜାଙ୍କ ଉଭଣୀ ଆଠଗଡ ରାଣୀ ରାଧାପ୍ରୀୟା ପାଟଦେଇପୁରଙ୍କ ଦ୍ୱାରା । ଏବଂ ଆଠଗଡର ରାଜାଙ୍କ ଉଭଣୀ ଆଠଗଠ ରାଣୀ ରାଧାପ୍ରୀୟା ପାଟଦେଇପୁରଙ୍କ ଦ୍ୱାରା ଏହି ମନ୍ଦିର ସାଲ ୧୩୨୨ ସାଲରେ ଆରମ୍ଭ ହୋଇଥିଲା । ଏହା ୧୩୩୦ସାଲ ,ବୈଶାଖ ୨୫ ଅକ୍ଷୟ ତୃତୀୟା ଦିନ ଏହାର ପ୍ରତିଷ୍ଠା ହୋଇଥିଲା ।ପରେ ଏଠାରେ ବିଭିନ୍ନ ପାର୍ବଣ ସମୟରେ ବହୁ ଆଡମ୍ବରରେ ପର୍ବପର୍ବାଣୀ ପାଳିତ ହୋଇଥାଏ । କିନ୍ତୁ ଏବେ ଏହାର ସ୍ଥାୟୀ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅତି ଦୟନୀୟ ଅବସ୍ଥାରେ ପଡିରହିଛି । ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନର ଶୁଭ ଦୃଷ୍ଟି ଏହି ପ୍ରାଚିନ ମନ୍ଦିର ଉପରେ ପଡୁନାହିଁ । ତେବେ ସ୍ଥାନୀୟ ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ସଂଗଠନ ମିଳିତରେ ଏହାର ରକ୍ଷଣା ବେକ୍ଷଣ ସାଂଗକୁ ପରିବେଶକୁ ଆହୁରୀ ମନୋରମ ନିମନ୍ତେ ଚାରାରୋପଣ କରି ଏହାର ସୌନ୍ଦର୍ଯ୍ୟ ପାଇଁ କାର୍ଯ୍ୟ ଜାରି ରଖିଛନ୍ତି ।ଆଧୁନିକତାର ସ୍ୱର୍ଶରେ ବଦଳୁଛି ଯାଜପୁର ସହର । ଗ୍ରାମ୍ୟ ସଂସ୍କୃତିକୁ ଉଦଜୀବିତ ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ,କଳା,ସଂସ୍କୃତି ଓ ଇତିହାର ବହୁ ମୁଖ ସାଖୀଭାବେ ପରିଗଣିତ ଅନେକ ଐତିହ୍ୟକୁ ଆଗାମୀ ପୀଢିମାନଙ୍କ ପାଇଁ ସେପରି କିଛି ପଦକ୍ଷେପ ନିଆଯାଉନାହିଁ । ତେବେ ଏ ଦିଗରେ ପର୍ଯଟନ ବିଭାଗ,ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଏହା ଉପରେ ନଜର ପଡିଲେ ଅନେକ ମନ୍ଦିର ମଠର ପୁନଃରୁଦ୍ଧାର ହୋଇପାରନ୍ତା ବୋଲି ଅଂଚଳବାସୀ ଦାବି କରିଛନ୍ତି ।

## ବଲାଙ୍ଗିର ଜିଲ୍ଲାରେ ନୂଆ କରୋନା ଆକ୍ରାନ୍ତ ସଂଖ୍ୟା ୩୭

ବଲାଙ୍ଗିର .(ପି.ଏନ):ଆଜି ବଲାଙ୍ଗିର ଜିଲ୍ଲାରେ ନୂଆ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୭ ରହିଥିବା ସରକାରୀ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ ଆଗଲପୁର ବ୍ଲକ ଆଗଲପୁର ଗ୍ରା.ପ.ରୁ ୧ ଜଣ, ବଲାଙ୍ଗିର ବ୍ଲକ ତୁଷୁରାବାହାଲ ଗ୍ରା.ପ.ରୁ ୪ ଜଣ, ବାରପୁଡୁଗିଆ ଗ୍ରା.ପ.ରୁ ୧ ଜଣ, ଖୁଜେନପାଲି ଗ୍ରା.ପ.ରୁ ୧ ଜଣ, ସକମା ଗ୍ରା.ପ.ରୁ ୧ ଜଣ, ବୈଦିପାଲି ଗ୍ରା.ପ.ରୁ ୧ ଜଣ, ବଲାଙ୍ଗିର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୨୦, ୬, ୨୧, ୧୮ରୁ ଜଣେ ଲେଖାଏଁ, ବଙ୍ଗୋମୁଣ୍ଡା ବ୍ଲକ ଅର୍ସାତୁଲା ଗ୍ରା.ପ.ରୁ ଜଣେ, ବେଲପଡା ବ୍ଲକ ବେଲପଡା ଗ୍ରା.ପ.ରୁ ୧ ଜଣ, ଦେଓଗାଁ ବ୍ଲକ ଗାଇବାହାଲ ଗ୍ରା.ପ.ରୁ ୧ ଜଣ, ଦେଓଗାଁ ଗ୍ରା.ପ.ରୁ ୨ ଜଣ, ହାତୀସରା ଗ୍ରା.ପ.ରୁ ୧ ଜଣ, ଖପ୍ରାଖୋଲ ବ୍ଲକ ଓଡିଆପାଲି ଗ୍ରା.ପ.ରୁ ୩ ଜଣ, ମହାରପଦର ଗ୍ରା.ପ.ରୁ ଜଣେ, ରେଙ୍ଗାଲି ଗ୍ରା.ପ.ରୁ ୨ ଜଣ, ଲୋଇସିଂହା ବ୍ଲକ ଲୋଇସିଂହା ଗ୍ରା.ପ.ରୁ ୨ ଜଣ, ବୁଢୀପଦର ଗ୍ରା.ପ.ରୁ ଜଣେ, ବୈଦିବାହାଲ ଗ୍ରା.ପ.ରୁ ଜଣେ, ପାଟଣାଗଡ ବ୍ଲକ ଲରମ୍ବା ଗ୍ରା.ପ.ରୁ ଜଣେ, ଘଷିଏନ୍? ଗ୍ରା.ପ.ରୁ ଜଣେ, ପାଟଣାଗଡ ଏନ୍?ଏସି ୱାର୍ଡ ନମ୍ବର ୬ରୁ ଜଣେ, ପୁଇଁନ୍ତଲା ବ୍ଲକ ଆଟଗାଁ ଗ୍ରା.ପ.ରୁ ଜଣେ, ସଇଁତଲା ବ୍ଲକ ବିବିନା ଗ୍ରା.ପ.ରୁ ଜଣେ, ସଇଁତଲା ଗ୍ରା.ପ.ରୁ ଜଣେ, କୁମ୍ଭାରି ଗ୍ରା.ପ.ରୁ ଜଣେ, ଟିଟିଲାଗଡ ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧ରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୂର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େଣ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ ।

# ସୁବର୍ଣ୍ଣପୁର ରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର ,(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦେଶ ଅନୁଯାୟୀ କୋଭିଡ କଟକଣା ପାଳନ ପୂର୍ବକ ଚଳିତ ବର୍ଷ ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ସୀମିତ ସଂଖ୍ୟକ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ । ସ୍ୱାଧୀନତା ଦିବସର ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ । ସକାଳ ଘଂ୦୬-୦୦ ଂଟା ସମୟରେ ସହର ର ବିଭିନ୍ନ ଛକରେ ଓ କାର୍ଯ୍ୟାଳୟ ରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ର ଙ୍କ ପ୍ରତିମୂର୍ତି ରେ ବରିଷ୍ଠ ଅଧିକାରୀ ଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯିବ । ସକାଳ ଘଂ୦୭-୩୦ ମି ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ । ସ୍ୱାଧୀନତା ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ଘଂ୦୯-୧୫ ମିନିଟ ସମୟରେ ସ୍ଥାନୀୟ ରିଜର୍ଭ ପୋଲିସ ଚଳିତ ବର୍ଷ ମଧ କୋଭିଡ ନିୟମ ର ଅନୁପାଳନ ପୂର୍ବକ କେବଳ ପୋଲିସ ବ୍ୟାଣ୍ଡ ଓ ପୋଲିସ ପ୍ୟାରେଡ଼ ଦଳ ଅଂଶ ଗ୍ରହଣ କରିବେ । ଚଳିତ ସ୍ୱାଧୀନତା ଦିବସ ସମାରୋହ ପ୍ୟାରେଡ଼ ରେ କୌଣସି ବିଦ୍ୟାଳୟ ଅଥବା ମହାବିଦ୍ୟାଳୟର ପ୍ଲାଟୁନ ଅଂଶ ଗ୍ରହଣ କରିବାକୁ ବାରଣ କରାଯାଇଛି । ପ୍ୟାରେଡ଼ ପଡିଆରେ ମଧ୍ୟ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । ସେହିପରି ଉତ୍ସବ ସ୍ଥଳକୁ ଜନସାଧାରଣ ଙ୍କ ସମାଗମକୁ ବାରଣ କରାଯାଇଛି । ସ୍ୱାଧୀନତା ଦିବସ ଉତ୍ସବରେ ପ୍ୟାରେଡ଼ କିମ୍ବା ମାର୍ଚ୍ଚପାଷ୍ଟ ହେବ ନାହିଁ । ଜିଲ୍ଲା ସ୍ତରୀୟ ଉତ୍ସବ ପରି ଜିଲ୍ଲାର ଉପଖଣ୍ଡ ସ୍ତରରେ,ବ୍ଲକ ସ୍ତରରେ ତଥା ପଂଚାୟତ ସ୍ତରରେ ମଧ୍ୟ କୋଭିଡ କଟକଣା ଅନୁପାଳନ ପୂର୍ବକ ସମାରୋହ ଅନୁଷ୍ଠିତ ହେବ । ଉତ୍ସବ ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ , ଜାତୀୟତା ବୋଧକ ସଙ୍ଗୀତ ଆବୃତି, ପ୍ରବନ୍ଧ, ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ସମ୍ପୃକ୍ତ ଛାତ୍ର ଛାତ୍ରୀ ଙ୍କୁ ପ୍ରଦାନ କରାଯିବ । ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ (ଜେନେରାଲ ) ଶ୍ରୀମତୀ ନିଶିପୁନମ ମିଞ୍ଜ, ଉପଜିଲ୍ଲାପାଳ ସୋନପୁର ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତଥା ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ବିବରଣୀ ଉପସ୍ଥାପନ କରିଥିଲେ ।

## ଯୁବ ବର୍ଗଙ୍କ ପାଇଁ ଭୋଟର ହେବା ଆହୁରି ସହଜ ହେଲା

ଗଂଜାମ, (ପି.ଏନ):କେନ୍ଦ୍ର ସରକାରଙ୍କ ଆଇନ୍ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକ ପ୍ରତିନିଧି ଆଇନ୍ ୧୯୫୦/୧୯୫୧ ର ପରିବର୍ତନ କରାଯାଇ ଭୋଟର ତାଲିକାରେ କେତେଗୁଡିଏ ସଂଶୋଧନ କରାଯାଇଛି, ଯାହାକି ଅଗଷ୍ଟ ୧ ତାରିଖ ଠାରୁ କାର?ୟକାରୀ ହୋଇଅଛି । ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷ ଠାରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ ଜଣାଇଥିଲେଯେ, ବର୍ତମାନ ଯୁବବର୍ଗ ଭୋଟର ତାଲିକାରେ ନାମ ସଂଯୋଗ କରିବା ନିମନ୍ତେ ଅଧିକ ସହଜ ହୋଇ ପାରିବ । ବର୍ତମାନ ଭୋଟର ତାଲିକାରେ ନାମ ପଞ୍ଜିକରଣ ନିମନ୍ତେ ଗୋଟିଏ ଯୋଗ୍ୟତା ସୂଚକ ତାରିଖ ପରିବର୍ତେ ବର୍ଷକୁ ୪ ଥର ଜାନୁୟାରୀ ମାସ, ଅପ୍ରିଲ ମାସ, ଜୁଲାଇ ମାସ ଏବଂ ଅକ୍ଟୋବର ମାସର ପହିଲା ଅର୍ଥାତ୍ ୧ ତାରିଖ ଦିନ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ଭୋଟରଗଣ ନିଜ ନାମକୁ ଭୋଟର ତାଲିକାରେ ପଞ୍ଜିକରଣ କରାଇ ପାରିବେ । ତା.୦୧.୦୪.୨୦୨୩ରିଖ ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟର ମାନେ ସେମାନଙ୍କ ଆଧାର ନମ୍ବର ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କୁ ଜଣାଇବେ । ଆଜି ଠାରୁ ଭୋଟରଗଣ ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କରିବେ । ଏହା ବାଧ୍ୟତାମଳକ ନୁହେଁ । ପଞ୍ଜିକରଣ ଫର୍ମରେ କେତେକ ସଂଶୋଧନ କରାଯାଇଛି । ଏହି ରୂପାନ୍ତରୀତ ପଞ୍ଜିକରଣ ଫର୍ମ ଅଗଷ୍ଟ ୧ ତାରିଖ ଠାରୁ କାର୍ଯ୍ୟକାରୀ ହେଲା । ବର୍ତମାନ ନୂଆ ଫର୍ମ ପୂରଣ କରି ଅତି ସରଳ ଭାବରେ ଭୋଟର ତାଲିକାକୁ ସଂଶୋଧନ କରାଇ ପାରିବେ । ଏଣିକି ୧୭ ବର୍ଷ ବୟସର ଯୁବବର୍ଗ ନିଜ ନାମକୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଇବା ନିମନ୍ତେ ଆବେଦନ କରିବେ । ସେମାନଙ୍କୁ ୧୮ ବର୍ଷ ଯେଉଁ ଦିନ ହେବ ସେହି ଦିନ ତାଙ୍କ ନାମ ଭୋଟର ତାଲିକାରେ ସଂଯୋଗ ହେବ । ଫର୍ମ-୬ ରେ ନୂତନ ଭୋଟର ହେବା ପାଇଁ, ଫର୍ମ ୬(ଖ) ରେ ଆଧାର ସହିତ ନିଜର ଭୋଟ ପରିଚୟପତ୍ର ସଂଯୋଗ କରିବେ, ଫର୍ମ-୭ ରେ ନାମ ବାଦ ଦେବା ନିମନ୍ତେ ଆବେଦନ କରିପାରିବେ ଏବଂ ଫର୍ମ-୮ ରେ ଭୋଟର ତାଲିକାରେ ସଂଶୋଧନ ହେଉ କିମ୍ବା ଭୋଟର କାର୍ଡ ରେ ପରିବର୍ତନ କରିବା ପାଇଁ ଆବେଦନ କରିପାରିବେ । ବୈଠକରେ ରାଜନୈତିକ ଦଳର ପ୍ରାର୍ଥୀଗଣ, ସାମ୍ବାଦିକ ଗଣ, ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍, ଆସିଷ୍ଟାଣ୍ଟ କଲେକ୍ଟର ପ୍ରମୋଦ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ନେହେରୁ ଯୁବ କେନ୍ଦ୍ରର ଅକ୍ଷୟ ନିପାନେ ଏବଂ ନିର୍ବାଚନ ବିଭାଗର କର୍ମକର୍ତାଗଣ ଉପସ୍ଥିତ ଥିଲେ ।

## ୧୦% ପି.ସି ଭାଗବଣ୍ଟାର ହିସାବ ଦେଇ ନିଲମ୍ବିତ ହେଲେ ପଂଚାୟତ ଅଧିକାରୀ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର କେତେକ କାର୍ଯ୍ୟାଳୟରେ ଆଖିବୁଜା ଦୁର୍ନିତି ଓ ପି.ସି କାରବାର ଚରମ ସୀମାରେ ପହଁଚିଛି । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିଲ ପୈଠ ବେଳେ ଦାୟିତ୍ୱରେ ଥିବା ଅଧିକାରୀ ସିଧାସଳଖ ଲାଂଚ ମାଗିବା ଓ ପି.ସି କାଟି ରଖିବା ଦିନକୁ ଦିନ ବଢିବାରେ ଲାଗିଛି । ଏହିଭଳି ଏକ ଘଟଣାରେ ପୁରୁଷୋତମପୁର ପଂଚାୟତର ନିର୍ବାହୀ ଅଧିକାରୀ ସୁରେଖା ମଲିକ ୧୦% ପି.ସି କାଟି ରକି ଅବଶିଷ୍ଟ ଟଙ୍କା ଠିକାଦାର ଙ୍କୁ ପୈଠ କରିଥିବା ଘଟଣାର ଭିଡିଓ ପ୍ରଘଟ ହେବାପରେ ଜିଲ୍ଲା ପ୍ରଶାସନ ତାଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି । ଘଟଣା ମୁତାବକ ଏହି ଭିଡିଓରେ ନିଆଯାଉ ଥିବା ୧୦% ପି.ସିରୁ ପଂଚାୟତ ଅଧିକାରୀ ନିଜେ ୪% ପି.ସି ରଖି ଅବଶିଷ୍ଟ ଅର୍ଥକୁ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ ମାନଙ୍କୁ ଦେଉଥିବାର ହିସାବ ପ୍ରକାଶ କରିଛନ୍ତି । ପୁରୁଷୋତମପୁର ପଂଚାୟତର ଏକ ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ଅଟକଳରେ ଠିକାଦାର ବିଶ୍ୱମ୍ବର ସେଠୀ କାମ କରିଥିଲେ । କାମ ସରି ଯାଇଥିଲେ ମଧ୍ୟ ବିଲ ପାଶ୍ କରିବା ପାଇଁ ଠିକାଦାର ଜଣକ ପିଇଓଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ୧୦% ପି.ସି ନଦେଲେ ବିଲ ପାଶ୍ କରାଯିବ ନାହିଁ ବୋଲି ଭିଡିଓରେ ପ୍ରକାଶ କରିଥିଲେ । ଏହି ଭିଡିଓ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶରେ ଜିଲ୍ଲା ପଂଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ ଘଟଣାର ଅନୁସନ୍ଧାନ କରି ସତ୍ୟତା ଜଣା ପଡିବା ପରେ ଜିଲ୍ଲା ପ୍ରଶାସନ ପିଇଓ ସୁରେଖା ମିକଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି ।

## ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପ ।ୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଳି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି । ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା । କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ । ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣଷି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି । କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି । ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଳାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି । ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada




Bhubaneswar Monday August 01, 2022 ଭୁବନେଶ୍ୱର ସୋମବାର, ଅଗଷ୍ଟ ୦୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# କେବେ ସରିବ ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ !




ଧର୍ମଶାଳା,(ପିଏନ): ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଠାରୁ ଭଦ୍ରକ ପର୍ଯ୍ୟନ୍ତ ଦୀର୍ଘ ୪ ବର୍ଷ ହେଲା ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । କାର୍ଯ୍ୟଶେଷ ଅବଧି ସରିଯାଇଥିଲେ ହେଁ ରାସ୍ତା କାର୍ଯ୍ୟ ଶେଷ ହୋଇପାରି ନାହିଁ। ଏହି ସମ୍ପ୍ରସାରଣ କାର୍ଯ୍ୟକୁ ବାହାର ରାଜ୍ୟର ଡିବିଏଲ ନାମକ ଏକ ଠିକା ସଂସ୍ଥାକୁ ଦିଆଯାଇଛି । ଏହି ଠିକା ସଂସ୍ଥା ଦ୍ୱାରା ୨୦୧୮ ରୁ ଏଠାରେ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ୪ ବର୍ଷ ମଧ୍ୟରେ ଏହି କାମ ସାରିବାକୁ ଠିକାସଂସ୍ଥା ଜାତୀୟ ରାଜପଥ ପ୍ରାଧିକରଣ ସହିତ ଚୁକ୍ତି କରିଥିଲା । ହେଲେ ଦାୟିତ୍ୱରେ ଥିବା ଏହି ଠିକାସଂସ୍ଥା ନିଜ ମନମାନିରେ କାମ କରୁଥିବାରୁ ଧାର୍ଯ୍ୟ ସମୟ ମଧ୍ୟରେ କାମ ଶେଷ କରିପାରିନାହିଁ । ୨୦୨୨ ମେ ମାସ ଏହି ଠିକାସଂସ୍ଥାର ଅବଧି ଶେଷ ହେବାର ସମୟ ରହିଥିଲା । ହେଲେ ଠିକାସଂସ୍ଥାର କର୍ତ୍ତୃପକ୍ଷଙ୍କ ଦାୟିତ୍ୱହିନତା ଯୋଗୁ କାମ ଆଗେଇପାରୁ ନାହିଁ । ବିଶେଷ କରି ଧର୍ମଶାଳା ବ୍ଲକ ଜାରକା ଠାରେ ଦୀର୍ଘ ୩ ବର୍ଷ ହେଲା ଏକ ଫ୍ଲାଇଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ପ୍ରତ୍ୟେହ ସହ ସହ ସଂଖ୍ୟାରେ ଗାଡି ବାଇପାସ ରାସ୍ତା ଦେଇ ଯାତାୟତ କରୁଛି । ଫଳରେ ଲୋକେ ରାସ୍ତା ପାର ହେବାକୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ମାନ ଘଟି ଧନଜୀବନ ନଷ୍ଟ ହେଉଛି । ଓଭର ବ୍ରିଜ କାର୍ଯ୍ୟ ଶେଷ ହୋଇଯାଇଥିଲା ବେଳେ ବ୍ରିଜକୁ ସଂଯୋଗିକରଣ ରାସ୍ତା କାମ ମନ୍ଥର ଗତିରେ ଚାଲୁଥିବାରୁ ଏହାର ସମାପ୍ତି ନେଇ ପ୍ରଶ୍ନବାଚୀ ଦେଖାଦେଇଛି । ଅନ୍ୟ ପଟେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ଏଭଳି ଅବସ୍ଥା ଉପୁଜୁଥିବା ସାଧାରଣରେ ଅଭିଯୋଗ ହୋଇଛି । ଯଥାଶିଘ୍ର କାମ ଶେଷ କରିବାକୁ ସାଧାରଣରେ ଦାବି ହୋଇଛି ।

## ଅନିମେଶ ଶୁଦ୍ଧାନନ୍ଦ ବିଦ୍ୟାଳୟ ଟପର

ଫୁଲନଖରା,(ପିଏନ):ଦଶମ ଶ୍ରେଣୀ ପରୀକ୍ଷାରେ ଅନିମେଶ ଶୁଭଦର୍ଶୀ ଶୁଦ୍ଧାନନ୍ଦ ବିଦ୍ୟାଳୟର ଟପର ହୋଇଛନ୍ତି। ସେ ୯୬ ପ୍ରତିଶତରୁ ଅଧିକ ନମ୍ବର ରଖି ଏହି କୃତୀତ୍ୱ ହାସଲ କରିଛନ୍ତି। ସେହିପରି ବିଦ୍ୟାଳୟର ଅନିନ୍ଦିତା ଦାଶ (%୯୪.୮୦) ଓ ଆଦ୍ୟାଶା ମିଶ୍ର (%୯୪.୬୦) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଏହି ସଫଳତା ପାଇଁ ଅଧକ୍ଷଙ୍କ ସହିତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଚଳିତ ଦଶମ ପରୀକ୍ଷାରେ ବିଦ୍ୟାଳୟର ପାସ ହାର ଶତ ପ୍ରତିଶତ ହୋଇଥିଲାବେଳେ ସେମାନଙ୍କ ମଧ୍ୟରେ ୭ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଖୁସୀର ଲହରୀ ଖେଳିଯାଇଛି।

## ସୁ ନେତ୍ର ଯୋଜନାରେ ବୁଣାକାରଙ୍କୁ ଚଷମା ବଂଟନ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ବୟନ ମଣ୍ଡଳ ଅନ୍ତର୍ଗତ ଗୋଳବାଇ ଭଗବତୀ ତନ୍ତୁ ସମବାୟ ସମିତିର ସହଯୋଗରେ ଜଙ୍କିଆ ଠାରେ ହସ୍ତ ତନ୍ତ କ୍ଷେତ୍ରରେ ନିୟୋଜିତ ବୁଣାକାର ପରିବାରକୁ ସୁନେତ୍ର ଯୋଜନାରେ ଚଷମା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଖୋର୍ଦ୍ଧା କାର୍ଯ୍ୟାଳୟର ସହକାରୀ ବୟନଶିଳ୍ପ ନିର୍ଦ୍ଦେଶାଳୟ ଅଧିକାରୀ ସୁରେଶ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନକରି ଶିବିରକୁ ଉଦଘାଟନ କରିଥିଲେ । ଏ ନେଇ ପୂର୍ବ ନିର୍ଦ୍ଧାରିତ ଅନୁଯାଇ ଚକ୍ଷୁ ପରୀକ୍ଷା ସ୍ୱାସ୍ଥ୍ୟ ଶିବିର କରାଯାଇ ଚିହ୍ନଟ ହୋଇଥିବା ୭୧ ଜଣ ହିତାଧିକାରୀଙ୍କୁ ଚଷମା ବଂଟନ କରାଯାଇଥିଲା ।ଏଥିରେ ଗୋଳବାଇ, କାୟା, ଗୁଣ୍ଠୁଣୀ, ଓଳସିଂହ, ରତାମାଟି, ବୋଡଙ୍ଗରା-ପାଟଣା, କଳାମାଟି, ସାମନ୍ତରାପୁର, ଦିବ୍ୟସିଂହପୁର, ପାଣିଛତ୍ର, ଲହଙ୍ଗା ଓ ମଳିପଡା ଅଂଚଳର ବୁଣାକାର ମାନେ ଯୋଗ ଦେଇଥିଲେ ।ଏହି ଶିବିରକୁ ତନ୍ତୁ ସମବାୟ ସମିତିର ସଦସ୍ୟ ଓ ହସ୍ତ ତନ୍ତ ବିଭାଗର କର୍ମଚାରୀ ମାନେ ପରିଚାଳନା କରିଥିଲେ ।

## ପତିତପାବନ ହାଇସ୍କୁଲରେ ଚାରା ରୋପଣ

ଧର୍ମଶାଳା, (ପିଏନ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ସ୍ଥିତ ପତିତପାବନ ନୋଡାଲ ହାଇସ୍କୁଲ ପରିସରରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ୟମାନ ପକ୍ଷରୁ ଆଜି ଫଳ, ଫୁଲ ଓ ଔଷଧୀୟ ଚାରା ରୋପଣ କରାଯାଇଛି । ଏହି ଅବସରରେ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗଛର ଉପକାରୀତା ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଏକ ସଭାର ଆୟୋଜନ କରାଯାଇଥିଲା । ପ୍ରଧାନ ଶିକ୍ଷୟତ୍ରୀ ଇନ୍ଦିରା ଗାଗରାଇଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ସମାଜସେବୀ କାହ୍ନି ଚରଣ ଦାଶ, ପ୍ରାକ୍ତନ ପ୍ରଧ୍ୟାପକ ରାଧାଶ୍ୟାମ ସାହୁ, ଆଇନଜୀବୀ ସବିତା ମିଶ୍ର,ଆଇନଜୀବୀ ନଳିନିକାନ୍ତ ମିଶ୍ର, ଅକ୍ଷୟ କୁମାର ଦାସ, ସୁଜିତ କୁମାର ସିଂ ଅତିଥି ଭାବେ ଯୋଗଦେଇ ଜଳବାୟୁ ସନ୍ତୁଳନରେ ବୃକ୍ଷର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଡ. କୈବଲ୍ୟ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜ୍ଞାନରନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

## ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ବିୟୋଗରେ ସ୍ମୃତି ଚାରଣ ସଭା

ଚଣ୍ଡିଖୋଲ,(ପିଏନ): ଚଣ୍ଡିଖୋଲ ସନ୍ନିକଟ କ୍ଷେତ୍ରପାଳ ଗ୍ରାମର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସିଦ୍ଧେଶ୍ୱର ପଣ୍ଡାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କାର୍ତିକ ଚନ୍ଦ୍ର ପଣ୍ଡା, ବ୍ରଜେଶ୍ୱର ପଣ୍ଡା, ବୈକୁଣ୍ଠେଶ୍ୱର ପଣ୍ଡା, ଗୋଲଖ ଚନ୍ଦ୍ର ତ୍ରୀପାଠି, ଭରତ ଚନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ସାହୁ, ଇଶ୍ୱର ଚନ୍ଦ୍ର ସାମଲ, ବାଞ୍ଛାନିଧି ସ୍ୱାଇଁ, ଧନେଶ୍ୱର ମହାପାତ୍ର, ରବିନାରାୟଣ ପଣ୍ଡା, ଅରୁଣ କୁମାର ପଣ୍ଡା, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡା ରାଉରକେଲା ଇଂଜିନିୟରିଂ କଲେଜର ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବରେ ନିଜର ଦକ୍ଷତା, ସମୟାନୁବର୍ତ୍ତିତ, କର୍ତବ୍ୟନିଷ୍ଠାର ପ୍ରଶଂସା କରିବା ସହିତ ଜଣେ ବନ୍ଧୁ ବତ୍ସଳ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଭାବରେ ସମଗ୍ର ବଡଚଣା ଅଂଚଳରେ ପରିଚିତ ଥିଲେ।

## ଡିଆ୍ୟୁ ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା, ଦଶମରେ ମନିଷ, ଦ୍ୱାଦଶରେ ଅଙ୍କିତା ସ୍କୁଲ ଟପର

ଚଣ୍ଡିଖୋଲ ,(ପିଏନ):କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରିକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଚଣ୍ଡଖୋଲ ସ୍ଥିତ ଡିଆ୍ୟୁ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଦ୍ୱାଦଶରେ ମୋଟ ୭୭ଜଣ ପିଲାଙ୍କ ମଧ୍ୟରୁ ଅଙ୍କିତା ଚୌଧୁରୀ ୯୨% ନମ୍ବର ରଖି ସ୍କୁଲ ଟପର ହୋଇଥିଲାବେଳେ ମୋନାଲିସା ମିଶ୍ର, ଅନିଶା ପଣ୍ଡା, ଚିନ୍ମୟ କୁମାର ବେହେରା ୯୦%ରୁ ଅଧିକ ନମ୍ବର ରଖି ପାଶ କରିଥିବାବେଳେ ଅବସିଷ୍ଟ ଛାତ୍ରଛାତ୍ରୀମାନେ ପ୍ରଥମ ଶ୍ରେଣୀରେ ଉତିର୍ନ୍ନ ହୋଇଛନ୍ତି । ସେହିପରି ଦଶମ ଶ୍ରେଣୀରେ ୩୪ ଜଣ ପିଲାଙ୍କ ମଧ୍ୟରୁ ମନୀଷ ପଣ୍ଡା ୯୪% ନମ୍ବର ରଖି ସ୍କୁଲ ଟପର ହୋଇଥିଲାବେଳେ ସ୍ୱାହା ବିଶ୍ୱାଳ, ଆଦିତ୍ୟ କୁମାର ମଲ୍ଲିକ, ସତ୍ୟବ୍ରତ ମହାନ୍ତି, ସନିଆ ପରବିନ୍, କ୍ରାନ୍ତୀଜିତ ମହାରଣା ୯୦% ରୁ ରଖି କୃତକାର୍ଯ୍ୟ ହୋଇଥିଲାବେଳେ ଅବସିଷ୍ଟ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତିର୍ନ୍ନ ହୋଇଛନ୍ତି । ଡିଆ୍ୟୁ ପବ୍ଲିକ ସ୍କୁଲର ଫଳାଫଳ ଶତପ୍ରତିଶତ ହୋଇଥିବାରୁ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି । ସ୍କୁଲର ନିର୍ଦ୍ଦେଶକ ଇଂ ଧନେଶ୍ୱର ମହାପାତ୍ର, ଡଃ ବିଶ୍ୱଜିତ ମହାପାତ୍ର, ଅଧକ୍ଷା ସୁଜାତା ମହାପାତ୍ର ପ୍ରମୁଖ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଶ୍ୟତ କାମନା କରିଛନ୍ତି

## କାହ୍ନୁ ଲେଙ୍କାଙ୍କ ୮୪ତମ ଜୟନ୍ତୀ ପାଳିତ

ଫୁଲନଖରା,(ପିଏନ):ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ୮୪ ତମ ଜନ୍ମୋତ୍ସବ ଲକ୍ଷେଶ୍ୱରସ୍ଥ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଛି। ସାମାଜିକ ସଂଗଠନ ସହଯୋଗ ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଣେଶପ୍ରସାଦ ଦାଶ, ତ୍ରିନାଥ ମହାପାତ୍ର, ଲଳିତକୁମାର ଦାଶ ପ୍ରମୁଖ ଯୋଗଦେଇ ତାଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ।

## ଭରତପୁର ପ୍ରାଥମିକ କୃଷି ସମବାୟ ସମିତି ଉପସଭାପତି ଭାବେ ମମତା ଜେନା ନିର୍ବାଚିତ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ଉପସଭାପତି ଭାବେ ମମତା ଜେନା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ସମିତିର ଉପସଭାପତି ପଦ ନିମନ୍ତେ ଶ୍ରୀମତୀ ଜେନା ଏକମାତ୍ର ପ୍ରାର୍ଥୀନୀ ଭାବେ ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ଦାସଙ୍କ ନିକଟରେ ନାମାଙ୍କନ ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ କୌଣସି ପ୍ରାର୍ଥୀ ଉପସଭାପତି ପଦ ନିମନ୍ତେ ନାମାଙ୍କନ ଦାଖଲ କରିନଥିବାରୁ ନିର୍ବାଚନ ଅଧିକାରୀ ମମତା ଜେନାଙ୍କୁ ଉପସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ଘୋଷଣା କରିଥିଲେ। ସମିତି ସଭାପତି ବସନ୍ତ କୁମାର ରାଉତ ନିର୍ଦ୍ଦେଶକ ଅଗସ୍ତି ସେଣ, ପ୍ରସନ୍ନ ମଲିକ, ସନ୍ତୋଷ କୁମାର ଦାସଙ୍କ ସମେତ ସମିତିର ସମ୍ପାଦକ ସୁବୋଧ କୁମାର ଲେଙ୍କା, କର୍ମଚାରୀ ଜଗନ୍ନାଥ ସେଣ, ଶାରଦା ପ୍ରସନ୍ନ ରାଉତ, ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପରମାନନ୍ଦ ମହାବିଦ୍ୟାଳୟ ଏନସିସି ପକ୍ଷରୁ କାଗିଲ ବିଜୟ ଉତ୍ସବ

ଖୋର୍ଦ୍ଧା, (ପିଏନ):ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ଏନସିସି ଉଇଙ୍ଗ ପକ୍ଷରୁ ଶନିବାର ଦିନ ପୂର୍ବାହ୍ନରେ କାରଗିଲ ବିଜୟ ଉତ୍ସବ ପାଳନ ଅବସରରେ ସୌର୍ଯ୍ୟ ଦିବସ କାର୍ଯ୍ୟକ୍ରମ ପୁରୀ ସ୍ଥିତ ଏନସିସି ଷଷ୍ଠ ବାଟାଲିୟନର ସିଇଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ହୋଇଥିଲା । ଏ ନେଇ ବୋଲଗଡ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଶାଲ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରିଥିଲେ ।ଏନସିସି ଅଧିକାରୀ ଅଧ୍ୟାପକ ଡଃ ରଞ୍ଜନ କୁମାର ଦାଶଙ୍କ ନେତୃତ୍ୱରେ କ୍ୟାଡେଟ ମାନେ ମହାବିଦ୍ୟାଳୟ ସମ୍ମୁଖରେ ଏକତ୍ରୀତ ହେବା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ କାରଗିଲ ଯୁଦ୍ଧରେ ସହିଦ ଯବାନ ମାନେ ସଫଳତାର ସହିତ ଅପୂର୍ବ ତ୍ୟାଗ ଓ ସମର୍ପଣ ମନୋଭାବ ଯୋଗୁଁ ସମ୍ଭବ ହୋଇ ପାରିଛି ବୋଲି ମତବ୍ୟକ୍ତ କରିଥିଲେ ।ପରେ କ୍ୟାଡେଟ ମାନେ ବିଭିନ୍ନ ରାଷ୍ଟ୍ରୀୟ ସଚେତନତା ଧର୍ମୀ ପ୍ଲା କାର୍ଡ ଧରି ସ୍ଲୋଗାନ ଦେବା ସହ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଉଦ୍ୟାନ ପରିସରରେ ନିର୍ମିତ ସହିଦ ସ୍ମୃତି ସ୍ତମ୍ଭ ନିକଟରେ ପହଂଚିଥିଲେ ।ଏଠାରେ ନିମନ୍ତ୍ରିତ ଅତିଥିମାନେ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିବା ସହ ଦେଶ ମାତୃକା ପାଇଁ ବଳିଦାନ ଦେଇଥିବା ସହିଦମାନଙ୍କ ତ୍ୟାଗ କଦାପି ବିଫଳ ହେବାକୁ ଦିଆଯିବ ନାହିଁ ବୋଲି ମତ ପ୍ରକାଶ ଦେଇଥିଲେ । ଏଥିରେ କ୍ୟାଡେଟ ପୁଷ୍ପଶ୍ରୀ ପଣ୍ଡିମ କବାଟ,ହୃଦାନନ୍ଦ ମହାପାତ୍ର ଓ ଅଜୟ କୁମାର ଖଟେଇଙ୍କ ସହ ବହୁ କ୍ୟାଡେଟ ଅଂଶ ଗ୍ରହଣ କରିଥିଲେ ।ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ,ଅଧ୍ୟାପକ ଗାନ୍ଧୀ କୁମାର ସାହୁ,ଗଣେଶ ପଣ୍ଡା, ଡେମୋନୋଷ୍ଟ୍ରେଟର ବୈଦ୍ୟ ନାଥ ହୋତା ଓ ମୁଖ୍ୟ କିରାଣୀ ସତ୍ୟବ୍ରତ ମହାପାତ୍ର ପ୍ରମୁଖ କ୍ୟାଡେଟ ମାନଙ୍କୁ ଦେଶଭକ୍ତି ଓ ଦେଶପ୍ରୀତି ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଯତି ଓ କର୍ମଚାରୀ ମାୟାଧର ବରାଡ ପରିଚାଳନା କରିଥିଲେ । ଶେଷରେ ଏନସିସି ପ୍ରଥମ ବର୍ଷର କ୍ୟାଡେଟ ଅନନ୍ୟା ପ୍ରିୟ ଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray